ମନ୍ଥନ

(୨ୟ ଭାଗ)

ଲେଖିକା

ଶ୍ରୀମତୀ ପ୍ରିୟମ୍ବଦା ମିଶ୍ର

Source: Author, Digitized by PPRACHIN, SOA

ମନ୍ଥନ

(୨ୟ ଭାଗ)

ଲେଖିକା - ଶ୍ରୀମତୀ ପ୍ରିୟମ୍ବଦା ମିଶ୍ର

Source: Author, Digitized by PPRACHIN, SOA

ଉପନ୍ୟାସ

ମନ୍ଥନ - (୨ୟ ଭାଗ)

ଲେଖିକା

ଶ୍ରୀମତୀ ପ୍ରିୟମ୍ବଦା ମିଶ୍ର

ପ୍ରକାଶିକା

ଶ୍ରୀମତୀ ପ୍ରିୟମ୍ବଦା ମିଶ୍ର

ପ୍ଲଟ ନଂ : ୨୧୩୦/୪୧୫୮

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର

ଫୋନ୍ : (୦୬୭୪) ୨୪୩୧୧୫୩

୨ୟ ସଂସ୍କରଣ :

ତା ୫.୧୨.୨୦୦୫

ମୁଦ୍ରଣ :

ବିବରଣୀ ପ୍ରକାଶନୀ

ଟଙ୍କପାଣି ରୋଡ୍, ଭୁବନେଶ୍ୱର -୧୪

ମୂଲ୍ୟ : ଟ. - ୧୫/-

Source: Author, Digitized by PPRACHIN, SOA

ଉତ୍ସର୍ଗ



ଡ: କାହ୍ନୁଚରଣ ମିଶ୍ରଙ୍କ ଚରଣ ତଳେ
'ମନ୍ଥନ' ଉପନ୍ୟାସର ୨ୟ ସଂସ୍କରଣଟି
ଭକ୍ତିପୂତ ଅର୍ଘ୍ୟ ରୂପେ ଉତ୍ସର୍ଗ କଲି ।

ଶ୍ରୀମତୀ ପ୍ରିୟମ୍ବଦା ମିଶ୍ର

Source: Author, Digitized by PPRACHIN, SOA

ଅଭିମତ

ମନ୍ଥନର ପ୍ରଥମ ଭାଗ ଦୁଇବର୍ଷ ତଳେ ପ୍ରକାଶିତ ହୋଇଯାଇଛି। ଏହାଥିଲା ମୋର ସ୍ୱାମୀ ଡକ୍ଟର କାହ୍ନୁଚରଣ ମିଶ୍ରଙ୍କର ଯୁବକ ଦିନର ଲିଖିତ ଏକ ଅସମାପ୍ତ ଉପନ୍ୟାସ। ଥରେ ତାଙ୍କର ପୁରୁଣା କାଗଜପତ୍ର ସଜାଡ଼ିଲା ବେଳେ ଏଇ ପାଣ୍ଡୁଲିପିଟି ମୋତେ ମିଳିଥିଲା। ଅନେକ ପୁରୁଣା ହୋଇ ଯାଇଥିବାରୁ ଅକ୍ଷର ସବୁ ପ୍ରାୟ ଲିଭି ଲିଭି ଯାଇଥିଲା। କାଗଜଗୁଡ଼ିକ ଜରାଜୀର୍ଣ୍ଣ ହୋଇ ହଳଦିଆ ପଡ଼ି ଯାଇଥିଲା। ଏ ଉପନ୍ୟାସର କଥାବସ୍ତୁ ମୋର ସ୍ୱାମୀଙ୍କ ଜୀବନ ସହିତ କେତେକାଂଶରେ ମିଶୁଥିବାରୁ ଏହା ମୋ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ସେଥିପାଇଁ ଅନେକ ଶ୍ରମ ସ୍ୱୀକାର କରି ଏଇ ଉପନ୍ୟାସଟିକୁ ପୁନରୁଦ୍ଧାର କରି ପ୍ରକାଶିତ କରାଇଲି। ସୁଖର କଥା, ଏହି ଉପନ୍ୟାସଟି ଅନେକ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଛି। ସାହିତ୍ୟ ସମାଲୋଚକମାନଙ୍କ ମତରେ ଗବେଷକ କାହ୍ନୁଚରଣଙ୍କର ଭିନ୍ନ ଏକ ଦିଗ ଉନ୍ମୋଚିତ ହୋଇଛି। ମନ୍ଥନର ଦ୍ୱିତୀୟ ଭାଗ ଏହି ଅସମ୍ପୂର୍ଣ୍ଣ କାହାଣୀଟିକୁ ପୂର୍ଣ୍ଣ କରିବାର ଛୋଟ ପ୍ରୟାସ ମାତ୍ର। କେତେଦୂର ସେଥିରେ ସଫଳ ହୋଇପାରିଛି ତାହା ଆପଣମାନେ ହିଁ କହିପାରିବେ। ଯଦି ଏହା ସମସ୍ତଙ୍କର ମନକୁ ଛୁଇଁ ପାରିଥାଏ ତେବେ ମୋର ଶ୍ରମ ସାର୍ଥକ ହେବ। ଏହି ଉପନ୍ୟାସଟି ମୋର ସ୍ୱାମୀଙ୍କ ଅମର ଆତ୍ମା ପ୍ରତି ଏକ ଶ୍ରଦ୍ଧାଞ୍ଜଳି।

ପ୍ରିୟମ୍ୱଦା

Source: Author, Digitized by PPRACHIN, SOA

ଅମୃତମୟୀ ବୋଉ ମୋର

ହେତୁ ହେବା ଦିନୁ ଦେଖିଆସିଚି ସେଇ ଅମୃତମୟୀ ଆନନ୍ଦମୟୀ ଦେବୀ ପ୍ରତିମା ପରି ମୋର ବୋଉକୁ, ଯିଏ ସକାଳୁ ସଞ୍ଜଯାଏ ଲୋଟଣୀ ପାରା ପରି ସବୁରି କାମ କରି ଚାଲିଥିବ । ଆମ ସାତ ଭାଇଭଉଣୀ ଓ ଯୌଥ ପରିବାରର ଅସରନ୍ତି ଦାୟିତ୍ୱ ନେଇ କିପରି ସେ ସବୁରି ମୁହଁରେ ଏତେ ହସ ଫୁଟାଇ ପାରୁଥିବା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଶାରୀରିକ ଅସୁସ୍ଥତା ତାକୁ ଅନେକ ସମୟରେ ଶଯ୍ୟାଶାୟୀ କରିଥାଏ । କିନ୍ତୁ ପର ମୁହୂର୍ତ୍ତରେ ସବୁ କିଛି ଭୁଲି ପୁଣି ନିତିଦିନିଆ ଜୀବନ ଧାରାରେ ଦ୍ୱିଗୁଣ ଉତ୍ସାହ ସହ ସେ ସାମିଲ ହୋଇଯାଏ । କେଉଁଠାରୁ ପାଏ ସେ ଏତେ ଶକ୍ତି ? ଅଫୁରନ୍ତ ଭଲ ପାଇବା, ଅସୀମ ସୌନ୍ଦର୍ଯ୍ୟବୋଧ, ଜୀବନକୁ ବଞ୍ଚିବାର ଅଦମ୍ୟ ଆଗ୍ରହ, ଏହି ସବୁ ଦିବ୍ୟଗୁଣ ବୋଧେ ବୋଉକୁ ଏତେ ଶକ୍ତିମୟୀ କରିଥାଏ ।

ବୋଉ ମୋର ଅମୃତ ହସ୍ତା । ତା'ର ହାତ ରନ୍ଧା ଯିଏ ଥରେ ଚାଖିଥିବ କେବେହେଲେ ଭୁଲିପାରିବିନି । ବୋଉ ପାଇଁ ତ ପିଲାଦିନ ଆମର ଥିଲା ଉତ୍ସବମୟ, ପ୍ରତିଟି ପର୍ବପର୍ବାଣୀରେ କେତେ ଆନନ୍ଦ ଓ ଉତ୍ସାହ ସହିତ ନିଜ ହାତରେ କେତେ ପ୍ରକାର ରାନ୍ଧିବ, ସବୁ ବନ୍ଧୁବାନ୍ଧବଙ୍କୁ ସଙ୍ଖୁଳିବ, ଆଉ ଆଦରର ସହିତ ବଳେଇ ବଳେଇ ଖୁଆଇବ ଯାହା ଏବେ ପ୍ରାୟତଃ ଦୁର୍ଲଭ । ମନେଅଛି, ଏତେ ଜଞ୍ଜାଳ ଭିତରେ ସେ ଆମ ଡ୍ରେସ୍ ଗୁଡ଼ିକରେ ଭାରି ସୁନ୍ଦର ଫୁଲ ପକାଏ, କ୍ରୁସ୍‌ରେ କାମ କରି ସଜାଏ । ତା'ର ଝୋଟି ପକାଇବାର ଶୈଳୀ, ଯାହା ମୋତେ ପର ଜୀବନରେ ଜଣେ ଚିତ୍ରକର ହେବାର ଉତ୍ସାହ ଯୋଗାଇ ଦେଇଥିଲା । ହାରମୋନିୟମ ବଜେଇ ବଡ଼ ସୁନ୍ଦର ଗୀତ ବି ଗାଇ ପାରୁଥିଲା ବୋଉ ମୋର । ମନେ ପଡ଼ିଯାଏ ମୁଁ ୩/୪ ବର୍ଷର ହୋଇଥାଏ ମାମୁଁ ଘରେ ରଜସମୟରେ ବୋଉ କୋଳରେ ଦୋଳିରେ ଝୁଲିଝୁଲି ତାଠାରୁ ଅତି ସୁଲଳିତ ସ୍ୱରରେ ଗୀତ ଶୁଣିବାର କଥା ବୋଧହୁଏ ସଂଗୀତ ଜଗତକୁ ସେଇ ମୋର ପ୍ରଥମ ପ୍ରବେଶ । ନନା ୰ପ୍ରଫେସର ଡାଃ କାହ୍ନୁଚରଣ ମିଶ୍ର ବି ବଡ଼ ମଧୁର ସ୍ୱରରେ ଗୀତ ଗାଉଥିଲେ, ଯାହା ଘରେ ଏକ ସଂଗୀତମୟ ପରିବେଶ ସୃଷ୍ଟି କରିଥିଲା । ବୋଉ ମୋର ସର୍ବଗୁଣ ସମ୍ପନ୍ନା ।

ସବୁଠାରୁ ଆଶ୍ଚର୍ଯ୍ୟ ଲାଗିଲା ଯେତେବେଳେ ପରିଣତ ବୟସରେ ବୋଉ କବିତା ଓ ଗଳ୍ପ ଲେଖିବାକୁ ଆରମ୍ଭ କଲା । ତା'ର ଶିକ୍ଷାଥିଲା ୫ମ ଶ୍ରେଣୀଯାଏ । ରକ୍ଷଣଶୀଳ ଜମିଦାର ଘର ଝିଅ । ଶୁଣିଥିଲି ସବାରୀରେ ସ୍କୁଲ ଯିବାକୁ ପଡୁଥିଲା ଟିକିଏ ବଡ଼ ହେବାରୁ ପାଠ ପଢ଼ାରେ ଡୋରି ବନ୍ଧାହେଲା । ବିବାହ ବ୍ରତ ଆଦି ସମୟରେ ପରିବାରର ପ୍ରତ୍ୟେକ ସଦସ୍ୟ ପାଇଁ ବୋଉ ଅତି ହୃଦୟସ୍ପର୍ଶୀ ଭାଷାରେ

Source: Author, Digitized by PPRACHIN, SOA

ଗୀତ ଲେଖେ, ପଢ଼ିଲେ ଆଖିରେ ଲୁହ ଭରିଯାଏ, ଅନେକ ଗଳ୍ପ ବହୁତ ପତ୍ର ପତ୍ରିକାରେ ପ୍ରକାଶିତ ବି ହୋଇଛି ଆଜି ଆମର ଅତି ପ୍ରିୟ ସ୍ନେହ ମାଉସୀଙ୍କ ଆଗ୍ରହ ଉତ୍ସାହ ପାଇଁ ଏହି ଗଳ୍ପ "ମନ୍ଥନ" ଉପନ୍ୟାସଟିର ୨ୟ ଭାଗଟି ବହି ଆକାରରେ ଆତ୍ମ ପ୍ରକାଶ ଲାଭ କରି ପାରିଛି। ସେଥିପାଇଁ ଆମେ ସମସ୍ତେ ଆନନ୍ଦିତ।

ଆମର ପିଲାଦିନ ବି ଏପରି ଏକ ଦୁର୍ଲଭ ସମୟ ଥିଲା ଯାହା ଏଯାଏ ଜୀବନ ଧାରାର ପ୍ରତି ପାଦପାତରେ ଅମୃତ ବର୍ଷା କରି ଆସିଛି। ଆକାଶ ପରି ଉଦାର ଥିଲେ ନନା ମୋର ଓ ଧରିତ୍ରୀ ପରି ସୁନ୍ଦର ଓ ସହିଷ୍ଣୁ ବୋଉ ମୋର। ଦୁହିଁଙ୍କର ଭଲ ପାଇବାର ଛତ୍ରଛାୟା ତଳେ, ମଧୁର ଦାମ୍ପତ୍ୟର ମାଧୁରିମା ତଳେ, ଆମ ସାତ ଭାଇଭଉଣୀଙ୍କର ଶୈଶବ ଓ କୈଶୋର ଅତି ଆନନ୍ଦମୟ ଥିଲା। ସ୍ନେହର ସବୁଜିମା ଛାଇଯାଇଥିଲା ଆମ ଜୀବନରେ, ଯାହା ଜୀବନକୁ କରିଥିଲା ଅତି ସୁକୁମାର, ମନୋରମ। ଯାହାର ବାସ୍ନା ଏବେବି ବାସ୍ନାୟିତ କରି ରଖିଛି ଜୀବନକୁ। ସ୍ନେହ ଶ୍ରଦ୍ଧା ମାନବିକତାର ମଧୁର ମନ୍ଦାକିନୀ ଆମ ଜୀବନକୁ ମଙ୍ଗଳମୟ କରିଥିଲା। ଯେଉଁମାନେ ସେମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ତାହା ଅନୁଭବ କରିଥିବେ। ଦୁହେଁ ଦୁହିଁଙ୍କୁ ସମ୍ମାନ କରୁଥିଲେ। ଶ୍ରଦ୍ଧା ଓ ଧୈର୍ଯ୍ୟ ତାଙ୍କର ସବୁଠାରୁ ବଡ଼ ଧନ ଥିଲା, ଯେଉଁଥି ପାଇଁ ସବୁ ଝଡ଼ଝଞ୍ଜା ଭିତରେ ତାଙ୍କ ଜୀବନ ତରୀଟି ଅତି ସୁନ୍ଦର ଭାବରେ ବହି ଚାଲିଥିଲା। ନନା ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ଯେଉଁଠାରେ ବି ଥାଆନ୍ତୁ ନା କାହିଁ ସେ ଏହି ମନ୍ଥନଟିର ୨ୟ ସଂସ୍କରଣ ପ୍ରକାଶିତ ହେବା ଦେଖି ନିଶ୍ଚୟ ଅତି ଆନନ୍ଦିତ ହେଉଥିବେ। ବୋଉଙ୍କର ଅକ୍ଳାନ୍ତ ପରିଶ୍ରମ, ନିଜର ଭାବ ଓ ଭାଷାରେ ଏହା ପ୍ରକାଶ ହୋଇପାରିଛି।

ଏହି ବହି "ମନ୍ଥନ" ୨ୟ ଭାଗର ପ୍ରକାଶନର ଗୁରୁଭାର ବହନ କରିଥିବାରୁ ସ୍ନେହମୟୀ ସ୍ନେହମାଉସୀଙ୍କୁ ମୋର ଅନ୍ତରର ଗଭୀରତମ ସ୍ଥାନରୁ ଶ୍ରଦ୍ଧା, ଭକ୍ତି ଓ କୃତଜ୍ଞତା ଜଣାଉଛି। ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ବୋଉକୁ ମୋର ସୁସ୍ଥ ରଖନ୍ତୁ।

ସ୍ୱର୍ଗ ରାଜ୍ୟରେ ରହି ନନା ନିଶ୍ଚିତ ଭାବରେ ସମସ୍ତଙ୍କ ପ୍ରତି ତାଙ୍କର ଆଶୀର୍ବାଦ ଧାରା ଢାଳି ଦିଅନ୍ତୁ - ଜଗନ୍ନାଥଙ୍କ ଚରଣ ତଳେ ଏତିକି ମୋର ପ୍ରାର୍ଥନା।

ସୀମା ମିଶ୍ର
(ବୁଲୁ)

Source: Author, Digitized by PPRACHIN, SOA

ଲେଖିକାଙ୍କ ପାଇଁ ପଦେ

ବଣର ମଲ୍ଲୀ ବଣରେ ଫୁଟି ବାସିଲା ଭଳି - ଶ୍ରୀମତୀ ପ୍ରିୟମ୍ବଦା ମିଶ୍ରଙ୍କ ପ୍ରତିଭା ଘର କଣରୁ ବିକାଶ ହୋଇ - ଓଡ଼ିଶାର ପୁରପଲ୍ଲୀରେ ପ୍ରସାର ଲାଭ କରିପାରିଛି । ଲେଖିକା ଉଚ୍ଚ ଶିକ୍ଷିତା ନଥିଲେ ମଧ୍ୟ ସେ ଥିଲେ - କବୟତ୍ରୀ, ସୁଲେଖିକା, ସୁଗୃହିଣୀ - ସମସ୍ତ ଚାରୁ କଳାରେ ପରିପୂର୍ଣ୍ଣା - ପରୋପକାରୀ ଏବଂ ଅସରନ୍ତି ସ୍ନେହର ଭଣ୍ଡାର ! ! ତାଙ୍କର ପ୍ରଥମ ଅବଦାନ ଗଳ୍ପ "ଅଦିନ ଝଡ଼" ସଂକଳନଟି ଅତି ସରଳ- ପ୍ରାଞ୍ଜଳ ଓ ମନକୁ ଛୁଇଁଲା ଭଳି ଶାବଲୀଳ ଭାବଧାରା - ଓଡ଼ିଶାର ପୁରପଲ୍ଲୀରେ ଯଥେଷ୍ଟ ଆଦୃତ ହୋଇପାରିଛି । ଏହାଛଡ଼ା ତାଙ୍କର ହାତ ଲେଖା ସବୁ ବହୁ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶ ପାଇଛି । ଏହା ବ୍ୟତିତ ପ୍ରତି ବ୍ରତ, ବିବାହ ସମୟରେ ତାଙ୍କ ଲେଖା କବିତାର ମାଧୁରୀ ସମସ୍ତେ ଅନୁଭବ କରି ପାରିଛନ୍ତି ନିଶ୍ଚୟ !

ପ୍ରିୟମ୍ବଦା ମିଶ୍ରଙ୍କର ସ୍ୱାମୀ ଥିଲେ - ସ୍ୱର୍ଗତ ପ୍ରଫେସର ଡଃ କାହ୍ନୁଚରଣ ମିଶ୍ର - ଯେ କି ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକ - ସାରସ୍ୱତ ସାଧକ - ବହୁ ଧର୍ମର ଗବେଷକ - ଲେଖକ, ବକ୍ତା, ସମାଜସେବୀ ଓ ବନ୍ଧୁବତ୍ସଳ ! ଇଂରାଜୀରେ ଜଗନ୍ନାଥ ଧର୍ମର ସାରତତ୍ତ୍ୱ ଉପରେ ଥେସିସ ଲେଖି ଓଡ଼ିଶା ବାହାରେ ଓ ବିଦେଶରେ ସୁନାମ ଅର୍ଜନ କରିଥିଲେ । ଏହାଛଡ଼ା - ବହୁ ପୁସ୍ତକର ଅନୁବାଦ ଓ ପ୍ରକାଶ ସେ କରି ଯାଇଛନ୍ତି । ତାଙ୍କର ଯୁବକ ସମୟର ହାତ ଲେଖା ପାଣ୍ଡୁଲିପି "ମନ୍ଥନ" ଉପନ୍ୟାସଟିକୁ ଲେଖିକା (ତାଙ୍କ ସ୍ତ୍ରୀ) ୨୦୦୪ ମସିହାରେ ପ୍ରକାଶ କରିଥିଲେ ବହୁ ପରିଶ୍ରମ କରି । ତାହା ସାହିତ୍ୟ ଜଗତରେ ବେଶ୍ ଆଦୃତ ହୋଇ ପାରିଥିଲା ।

ଆଜି ଉପନ୍ୟାସ 'ମନ୍ଥନ' ଟିର ୨ୟ ଭାଗ ପ୍ରକାଶିତ ହୋଇପାରିଛି - ଲେଖିକାଙ୍କର ଉଦ୍ୟମରେ । ଏହି ଉପନ୍ୟାସଟିରେ ଲେଖିକା ନିଜର ଭାବ ଓ ଭାଷା ଭିତରେ ରଙ୍ଗ ଦେଇ ସମ୍ପୂର୍ଣ୍ଣ ଉପନ୍ୟାସଟିରେ ପୂର୍ଣ୍ଣତା ପ୍ରାପ୍ତ କରି ପାରିଛନ୍ତି । ବହୁ ପରିଶ୍ରମ କରିଥିବା ଏହି 'ମନ୍ଥନ' ସଂକଳନର ୨ୟ ଭାଗଟିର ସଫଳ ସୃଷ୍ଟି ଅତି ନିଖୁଣ ଓ ସୁନ୍ଦର ହୋଇ ପାରିଛି ଏଥିରେ ସନ୍ଦେହ ନାହିଁ । ସ୍ୱର୍ଗ ରାଜ୍ୟରେ ରହି - ପ୍ରଫେସର ମିଶ୍ର - ତାଙ୍କ ପ୍ରତି ଆଶୀର୍ବାଦ ଧାରା - ଢାଳି ଦେବେ ନିଶ୍ଚୟ ।

Source: Author, Digitized by PPRACHIN, SOA

ଶ୍ରୀମତୀ ପ୍ରିୟମ୍ବଦା ମିଶ୍ରଙ୍କୁ ମୁଁ ସୁବାସିନୀ ନାନୀ ବୋଲି ଡାକେ। ମୋତେ ସେ ଭଉଣୀଠାରୁ ଅଧିକ ଭଲ ପାଆନ୍ତି। ତାଙ୍କର ଅମାୟିକ ସ୍ନେହରେ ସେ ସମସ୍ତଙ୍କୁ ବାନ୍ଧି ରଖନ୍ତି – ତାଙ୍କର ହାତରନ୍ଧା, ସିଲେଇ ଓ ଘର କାମର ନିପୁଣତା ଅବର୍ଣ୍ଣନୀୟ। ଏଭଳି ପ୍ରତିଭାମୟୀ ମୋ ନାନୀଙ୍କର ଜନ୍ମ ୧୯୨୭ ମସିହା କଟକ ଜିଲ୍ଲାର ଜମିଦାର ପରିବାରରେ। ୩ ଭାଇରେ ଗୋଟିଏ ବୋଲି ଝିଅ ସୁବାସିନୀ ନାନୀ! ବାପା – ଶ୍ରୀଯୁକ୍ତ ନିଳାଦ୍ରୀ ମିଶ୍ରଙ୍କର ସେ ଥିଲେ ଆଦରର ଝିଅ।

୩ଟି ଗୁଣବାନ ପୁତ୍ର ସନ୍ତାନ ଓ ୪ଟି ସୁଗୁଣ ସଂପନ୍ନା କନ୍ୟା ସନ୍ତାନର ସେ ଥିଲେ ଜନନୀ। ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ଅଗାଧ ସ୍ନେହ ଭରି ରହିଥିଲା। ତାଙ୍କର ଆଦର୍ଶରେ ପରିବାରଟି ମଧୁମୟ ଓ ସୁନ୍ଦର ହୋଇ ଉଠିଥିଲା। ପିଲାମାନେ ତାଙ୍କର ଆଦର୍ଶରେ ହିଁ ଗଢ଼ି ଉଠିଥିଲେ। ପୁତ୍ର ଓ ଜାମାତା ସମସ୍ତେ ଉଚ୍ଚ ପଦବୀରେ ଅଛନ୍ତି। ତାଙ୍କର ସର୍ବମୋଟ ୧୩ଜଣ ନାତି ନାତୁଣୀ। ସମସ୍ତଙ୍କୁ ସେ ଭାରି ଆଦର କରନ୍ତି। ସମସ୍ତ କାମ ଭିତରେ ବସି ଅତି ସୁନ୍ଦର ଅକ୍ଷରରେ ତାଙ୍କ ଲେଖାଗୁଡ଼ିକ ସେ ଲେଖି ଚାଲିଥାଆନ୍ତି। ଲେଖିକାଙ୍କ ଏହି "ମନ୍ଥନ"ର ଦ୍ୱିତୀୟ ଭାଗ ସଂକଳନଟି ପାଠକ ଓ ପାଠିକା ମାନଙ୍କ ମନରେ ନିଶ୍ଚିତ ଭାବେ ଆନନ୍ଦ ଦେଇ ପାରିବ ଏଥିରେ ସନ୍ଦେହ ନାହିଁ। ପ୍ରଭୁଙ୍କ କୃପାରେ ତାଙ୍କର ଲେଖନୀ ଋଦ୍ଧିମନ୍ତ ହୋଇଉଠୁ! ଜଗନ୍ନାଥଙ୍କ ଚରଣ ତଳେ ଏତିକି ମୋର ବିନମ୍ର ପ୍ରାର୍ଥନା।

ସ୍ନେହଲତା

Source: Author, Digitized by PPRACHIN, SOA

ହଜିଲା ଦିନର କଥା

କାଦମ୍ବିନୀ ଟିକିଏ ସୁସ୍ଥ ହେଲେ । ପ୍ରସାଦ ସ୍ତ୍ରୀକୁ ଦେଖି ଟିକିଏ ଆଶ୍ୱସ୍ତ ହେଲା । ପିଲାଙ୍କୁ ଆଣି କୋଡ଼ରେ ବସାଇଲା ।...

କାଦମ୍ବିନୀଙ୍କ ବାପା ଦିଗମ୍ବର ମିଶ୍ର ଝିଅର ଦେହ ଖରାପ ଶୁଣି ବସନ୍ତପୁର ଆସି ସମୁଦିଙ୍କୁ, ଜ୍ୱାଇଁଙ୍କୁ ବୁଝାବୁଝି କରି ଝିଅକୁ ଓ ନାତି ନାତୁଣୀକୁ ନିଜ ଘରକୁ ନେଇଗଲେ ।

ବର୍ତ୍ତମାନ କାଦମ୍ବିନୀ ବାପଘରେ । ଦେହ ଆସ୍ତେ ଆସ୍ତେ ଭଲ ହୋଇ ଆସୁଛି । ଦିଗମ୍ବର ମିଶ୍ର ଝିଅକୁ କଟକ ନେଇ ବଡ଼ ଡାକ୍ତର ଦେଖାଇ ଔଷଧପତ୍ର ଦେବାରୁ ଏବଂ ଝିଅର ଯତ୍ନ ନେବାରୁ ସେ ସୁସ୍ଥ ହେଲେ ।

ପ୍ରସାଦ ଅର୍ଥ ଅଭାବରୁ ସ୍ତ୍ରୀର, ପିଲାଙ୍କର କଥା ଭାବି ନିଜକୁ ଛୋଟ ମନେକଲା । କଲେଜ ଖୋଲିବା ସମୟ ହୋଇ ଆସିଲାଣି । ସେ ଶୁଭଦିନ ଦେଖି ପ୍ରସାଦ ଘରୁ ବାହିରି ପଡ଼ିଲା । ବାଟସାରା ପ୍ରସାଦ ତା'ର ଦୂରବସ୍ଥା କଥା ଭାବୁଛି । ଅର୍ଥ ଅଭାବରୁ ସେ ତା'ର ସ୍ତ୍ରୀକୁ ନିଜେ ଅବହେଳା କଲା । 'ଜଗନ୍ନାଥ ମୋତେ ଭରସା ହେଲେ ନଚେତ୍ ମୋର ସଂସାର ଭାସି ଯାଇଥାନ୍ତା ।' ଏହି ଚିନ୍ତାରେ ସେ ବାରମ୍ବାର ବିଚଳିତ ହେଇପଡ଼ିଲା । ସେ ଭାବିଲା ଏପରି ଚାକିରି କରି କି ଲାଭ ? ଯଦି ଆମର ସାମର୍ଥ ନାହିଁ- ଆରୋଗ୍ୟ ସକାଶେ ପଇସା ଖର୍ଚ୍ଚ କରିବା ପାଇଁ ଯଦି ଆମର ଶକ୍ତି ନାହିଁ ନିଜର ପୁତ୍ର କନ୍ୟା ଏବଂ ପରିବାରବର୍ଗଙ୍କୁ ଅଭାବରୁ ମୁକ୍ତ କରିବା ପାଇଁ ଶକ୍ତି ନାହିଁ ତା'ହେଲେ ଏ ଚାକିରି କରିବା ବୃଥା ।

ଗନ୍ତବ୍ୟ ପଥରେ ପହଞ୍ଚି ପ୍ରସାଦ ସ୍ନାନାଦି ସମାପନ କଲା । ଅଳ୍ପ ବିଶ୍ରାମ ନେଇ କଲେଜ ଗଲା । ଅଧ୍ୟାପକମାନେ ଆସିଛନ୍ତି । ଛାତ୍ରମାନଙ୍କ ସମାଗମରେ କଲେଜ ମୁଖରିତ ହୋଇପଡ଼ିଛି । ପ୍ରସାଦକୁ ଦେଖି ଛାତ୍ରମାନେ କହିଲେ - ସାର୍ ଆଜି ଗୋଟେ ଶୁଭସମ୍ବାଦ ।

ପ୍ରସାଦ - କ'ଣ ?

ସାର୍ ଖବର ଆସିଛି ଏ କଲେଜ-ଗଭର୍ଣ୍ଣମେଣ୍ଟ କଲେଜ ହୋଇଗଲା । ବେତନ ବଢ଼ିବ । ଆପଣ ହଷ୍ଟେଲ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ହୋଇଯିବେ ବୋଲି ପ୍ରିନ୍ସିପାଲ୍ କହିଛନ୍ତି ।

Source: Author, Digitized by PPRACHIN, SOA

ପ୍ରସାଦ ସବୁ ଶୁଣିସାରିଲା ପରେ ବି ତା'ର ମନଠିକ୍ ରହିଲା ନାହିଁ। ଘରୁ ଆସିବାର ଛଅ ଦିନ ପରେ ତା'ର ଦେହ ବହୁତ ଅସୁସ୍ଥ ହୋଇପଡ଼ିଲା। ବିଦେଶରେ ଏପରି ଅବସ୍ଥାରେ ଜଣେ କେହି ନାହିଁ ସାହାଯ୍ୟ କରିବାକୁ ଦେଖି ସେ ବାପାଙ୍କ ପାଖକୁ ଜଣକୁ ପଠାଇବାକୁ ପତ୍ର ଦେଲା। ଅବଶ୍ୟ ଛାତ୍ରମାନେ ବନ୍ଧୁମାନେ ସମସ୍ତେ ତାକୁ ଦେଖିବାକୁ ଆସନ୍ତି। ତଥାପି ନିଜର କେହି ନଥିବାରୁ ତାକୁ କିପରି ଲାଗୁଥାଏ। ପ୍ରସାଦର ପତ୍ରଟି ପାଇ ଜଗନ୍ନାଥବାବୁ ଟଙ୍କା ପଇସା ଅଭାବରୁ କାହାକୁ ପଠାଇ ନ ପାରି ନିଜେ ଆସିବେ ବୋଲି ପୁଅକୁ ପତ୍ର ଲେଖିଲେ।

ଜଗନ୍ନାଥ ବାବୁ ବାହାରୁ ବାହାରୁ କିଛିଦିନ ବିଳମ୍ବ ହୋଇଗଲା। ପ୍ରସାଦ ପାଖରେ ପହଞ୍ଚିଲା ବେଳକୁ ପ୍ରସାଦର ଜ୍ୱର ଛାଡ଼ିଗଲାଣି। ସେ ବାପାଙ୍କୁ ଦେଖି କାନ୍ଦି ପକାଇଲା। କହିଲା – ବାପା ଆପଣ ଆଉ କାହିଁକି ଆସିଲେ। ମୋ ଦେହ ତ ଭଲ ହୋଇଗଲାଣି। ଯେତେବେଳେ ଦରକାର ସେତେବେଳେ କେହି ଆସିଲେ ନାହିଁ। ବର୍ତ୍ତମାନ ଆସି ଲାଭ କ'ଣ ? ବରଂ ପଇସା ମିଛୁଟାରେ ଖର୍ଚ୍ଚ ହେଲା। ମୋର ଛାତ୍ର ବନ୍ଧୁମାନେ ନଥିଲେ ମୁଁ ହୁଏତ ନାରାୟଣ ପ୍ରାପ୍ତି ହୋଇଥାନ୍ତି। ଏହିପରି ଅଭିମାନ କଥାଶୁଣି ଜଗନ୍ନାଥ ବାବୁ କାନ୍ଦି ପକାଇଲେ।

ପ୍ରସାଦକୁ ସାନ୍ତ୍ୱନା ଦେଇ ସେ କହିଲେ, "ପ୍ରସାଦ ବାବା ! ଘରେ ମୁରବି ହେଲେ କେତେଆଡୁ କେତେ ବାଧା ଆସି ପହଞ୍ଚେ, ତାହା ତ ତୁ ଜାଣୁ। ମୁଁ ଠିକ୍ ସମୟରେ ଆସିବି ବୋଲି ସ୍ଥିର କରିଥିଲି । ଆଉ ଜଣଙ୍କର ଦେହ ଅସୁସ୍ଥ ହୋଇପଡ଼ିଲା। ତୋର ବୋଉକୁ ପଠାଇଲେ ଘର ଚଳିବ ନାହିଁ। ପଇସା ପତ୍ର କଥାତ ତୁ ଜାଣୁ, ଆଉ ଅଧିକ କ'ଣ କହିବି ?

ପ୍ରସାଦ ଦେଖିଲା ବାପାଙ୍କ ସାଙ୍ଗରେ କିଛି ତର୍କ କରି ଲାଭ ନାହିଁ। ଯେଉଁମାନେ ବିପଦ ସମୟରେ କେଉଁଟା ପ୍ରଥମ କର୍ତ୍ତବ୍ୟ ଜାଣନ୍ତି ନାହିଁ ତାଙ୍କଠାରୁ ବେଶୀ ଆଶା କରିବା ବୃଥା। ୪/୫ଦିନ ରହି ଜଗନ୍ନାଥ ବାବୁ ଘରକୁ ବାହାରିଲେ।

ପ୍ରସାଦ ବାପାଙ୍କୁ ରାସ୍ତା ଖର୍ଚ୍ଚ ଦେଇ ଟ୍ରେନରେ ବସାଇ ଦେଇଆସିଲା। ଜଗନ୍ନାଥ ବାବୁ ଘରେ ପହଞ୍ଚି ଦେଖିଲେ, ଜମିଦାର ଖଜଣା ସକାଶେ ଆସି ଘରଦ୍ୱାର ମୁହଁରେ ବସିଛି। ତାକୁ ଦେଖି ଜଗନ୍ନାଥବାବୁ

Source: Author, Digitized by PPRACHIN, SOA

ଅନ୍ୟବାଟରେ ଲୁଚି ଘରେ ପ୍ରବେଶ କଲେ । ପିଲାମାନେ ପିଆଦାଙ୍କୁ ଘରର ମୁରବି ନାହିଁ କହିବାରୁ ସେ ଚାଲିଗଲା। ଜଗନ୍ନାଥବାବୁ ଦେଖିଲେ ଖଜଣା ନ ଦେଲେ ଉପାୟ ନାହିଁ। ତେଣୁ ଘରେ ପହଞ୍ଚି ପ୍ରସାଦକୁ ଖଣ୍ଡେ ଚିଠି ଲେଖିବାକୁ ମନସ୍ଥ କଲେ କିଛି ଟଙ୍କା ଘରକୁ ପଠାଇବାକୁ। ଆଦେଶ ଦେଇ ପୁତ୍ର ପାଖକୁ ଚିଠି ଦେଲେ। ପ୍ରସାଦ ଉକ୍ତ ପତ୍ରଟି ପାଇଲା ମାତ୍ରେ କ୍ରୋଧରେ ଜଳିଉଠିଲା। ତା'ର ଏପରି ଅବସ୍ଥା । ଘରୁ ଚିଠି ଆସୁଛି ଟଙ୍କା ପଠାଇବାକୁ। ଘରେ ଅନ୍ୟାନ୍ୟ ସଭ୍ୟମାନେ ନିଜ ନିଜ ସୁଖ ସାଧନାରେ ବ୍ୟସ୍ତ। କୌଣସି ସଭ୍ୟ ତା'ର ଆୟରୁ କିଛି ବଢ଼ାଇ ଦେବା ପରିଶୋଧ କରିବା ବା ଜମିଦାରର ଖଜଣା ଦବାକୁ ଇଚ୍ଛା କରୁ ନାହାନ୍ତି। କେବଳ ମୋ ଉପରେ ସମସ୍ତ ଭାର ଲଦି ଦବାରେ ଶ୍ରେଷ୍ଠ ମନେ କରୁଛନ୍ତି। ଏହପରି ଭାବିଭାବି ନିକଟରେ ଜଣେ ବନ୍ଧୁ ବସିଥିଲେ କହିଲେ ଦେଖ ଭାଇ ମୁଁ ଆଉ ଛୁଟିରେ ଘରକୁ ଯିବିନାହିଁ? ବରଂ ଦରମା ପାଇ ପୁରୀ, ଭୁବନେଶ୍ୱର କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟକର ଜାଗାକୁ ଯିବି?

କିଛିଦିନ ପରେ ସେ ପୁଣି ଅସୁସ୍ଥ ହୋଇପଡ଼ିଲା। ତା'ର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା, ଘର ଲୋକଙ୍କ କଥା ଅଭାବକଥା ସେମାନଙ୍କର ବ୍ୟବହାର କଥା ଚିନ୍ତା କରି କରି ସେ ରକ୍ତଶୂନ୍ୟ ହୋଇପଡ଼ିଲା। ଯେତେ ଔଷଧ ଖାଇଲେ ମଧ୍ୟ ଉପଶମ ହେଲା ନାହିଁ। ଅଧ୍ୟାପକ ବନ୍ଧୁମାନେ କହିଲେ ପ୍ରସାଦ ବାବୁ ଆପଣ କିଛିଦିନ ବିଶ୍ରାମ ନକଲେ ଚଳିବ ନାହିଁ। ଏରୁ ୩/୪ ଦିନ ଛୁଟି ନେଇ କିଛି ଲାଭ ନାହିଁ। ଦୁଇ ତିନିମାସ ଛୁଟି ନେଇ ଘରକୁ କିମ୍ବା ଅନ୍ୟତ୍ର ଚାଲିଯାନ୍ତୁ।

ବନ୍ଧୁ କହିଲେ ଘରକୁ ଗଲେ ସେବା ଶୁଶ୍ରୂଷା ଟିକେ ଭଲ ହେବ ତେଣୁ, ମୋ ମତରେ ଘରକୁ ଯାଆନ୍ତୁ। ଅଭାବ ଅସୁବିଧା ତ ବରାବର ଲାଗି ରହିବ।

ପ୍ରସାଦ – ଆପଣ ଗ୍ରାମର ଲୋକଙ୍କ କଥା ବୁଝି ନାହାନ୍ତି। ସେମାନେ ସମୟ ଅସମୟ ବୁଝନ୍ତି ନାହିଁ। ତାଙ୍କର ଟଙ୍କା ଦରକାର। ସେମାନେ ଟଙ୍କା ମାଗିବାକୁ ପଛାନ୍ତି ନାହିଁ। ମାଗିଲେ ମୋତେ ବଡ଼ ଅଡୁଆ ଲାଗିବ।

ନାଁ ଭାଇ ଏହି ମାସ ଛୁଟିରେ ଶେଷରେ ବେତନ ନେଇ ଦୁଇମାସ ଛୁଟିରେ ପୁରୀ ଯିବି। ମୋର ଆଶାଥିଲା ଆଉ ୫/୬ ବର୍ଷ ଚାକିରୀ କରି

Source: Author, Digitized by PPRACHIN, SOA

ସାଧାରଣ କ୍ଷେତ୍ରକୁ ଆସି ଜନସାଧାରଣ ସେବାରେ ଆତ୍ମ ନିୟୋଜିତ କରିବି ? ବର୍ତ୍ତମାନ ଦେଖୁଛି ମୋର ଭାଗ୍ୟ ଆଉ ଏ ସବୁ କରାଇ ଦେବ ନାହିଁ। ଏହିପରି ଘନଘନ ଅସୁସ୍ଥ ହୋଇ ପଡ଼ିଲେ କେଉଁଦିନ ପ୍ରାଣ ମୋର ଚାଲିଯିବ।

ବନ୍ଧୁ ଜଣକ କହିଲେ ଆପଣ ପୁରୀ ଯାଆନ୍ତୁ ସେଠାରେ ଏକ ମାସ ରହି ଚାଲି ଆସିବେ ? ଆପଣ ଭଲ ହୋଇଯିବେ। ଗୋଟିଏ ଚାକର ସାଙ୍ଗରେ ନେଇ ଯାଆନ୍ତୁ। ଆପଣ ତ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ହେଲେ। ସେଠାରୁ ଆସି ପିଲାମାନଙ୍କୁ ଏଠାକୁ ନେଇ ଆସନ୍ତୁ। ତାହେଲେ ଆପଣଙ୍କ ମନ ଠିକ୍ ଲାଗିବ।

ଏହିପରି କଥୋପକଥନ ହଉ ହଉ ଅନେକ ସମୟ ହୋଇ ଗଲାରୁ ବନ୍ଧୁଟି ବିଦାୟ ନେଇ ଚାଲିଗଲା। ପ୍ରସାଦ କ୍ଲାନ୍ତ ଅନୁଭବ କଲାରୁ ଟିକିଏ ବିଶ୍ରାମ ନେଲା। ମାସ ଶେଷକୁ ଆଉ ଛଅଦିନ ଅଛି । ପ୍ରସାଦ କଲେଜ ଅଧକ୍ଷଙ୍କୁ ଦୁଇମାସ ଛୁଟି ଦବାକୁ ଆବେଦନ କଲା। କର୍ତ୍ତୃପକ୍ଷ ମଧ ପ୍ରସାଦର ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସବୁକଥାରେ ରାଜି ହୋଇ ଛୁଟିଦେଲେ। ବେତନ ପାଇ ପ୍ରସାଦ ପୁରୀ ଅଭିମୁଖରେ ଯାତ୍ରା କଲା। ଘରକୁ ଜଣାଇ ପ୍ରସାଦ ପୁରୀ ଚାଲିଗଲା। କେବଳ କାଦମ୍ବିନୀକୁ ଚିଠି ଦେଲା।

" କାଦମ୍ବିନୀ

ମୋର ଦେହ ଭଲ ନ ରହିବାରୁ ମୁଁ ପୁରୀ ଯାଉଛି ଦୁଇମାସ ଛୁଟି ନେଇ। ସେଠାରୁ ଆସିଲେ ମୁଁ ତୁମକୁ ଓ ପିଲାଙ୍କୁ ନେଇ ଆସିବି ପାଖକୁ। ତୁମେ ଶୁଣି ଖୁସି ହେବ ମୁଁ ହଷ୍ଟେଲରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ହୋଇଗଲି। ତୁମର ପିଲାଙ୍କର ଦେହକୁ ଯତ୍ନ ନେବ । ମୁଁ ପଛରେ ଚିଠି ଦେବି ରହିଲି।

ପ୍ରସାଦ

କାଦମ୍ବିନୀ ବାପଘରେ ଚାରିମାସ ହେଲା ଅଛନ୍ତି। ଦେହ ଭଲ ଅଛି। ବାପା ମା' ଝିଅର ଓ ପିଲାଙ୍କର ବହୁତ ଯତ୍ନ ନେଉଛନ୍ତି। ସ୍ୱାମୀଙ୍କର ଦେହଖରାପ ଶୁଣି ସେ ବ୍ୟସ୍ତ ହୋଇପଡ଼ି କହିଲା ବାପାଙ୍କୁ – "ସେ ପୁରୀରେ କେଉଁଠି ଅଛନ୍ତି ମୁଁ ଜାଣିଥିଲେ ଯାଇ ଟିକେ ଦେଖି ଆସନ୍ତି" କିନ୍ତୁ ଦିଗମ୍ବର ମିଶ୍ର କହିଲେ–"ତୋ ଦେହକୁ ଆଗ ଦେଖେ। ସେ କେଉଁଠି ରହିଛନ୍ତି ଆମେ ନ ଜାଣି କେଉଁଠି ଖୋଜିବା। ସିଏତ ଲେଖିଛନ୍ତି ଦୁଇମାସ

Source: Author, Digitized by PPRACHIN, SOA

ଗଲେ ତୁମକୁ ପାଖକୁ ନେଇଯିବେ। ତୁ ବ୍ୟସ୍ତ କାହିଁକି ହଉଛୁ। ତୋ ପାଇଁ ଘରର ପରିସ୍ଥିତି ପାଇଁ କ୍ବାଇଁଙ୍କର ଦେହ ଖରାପ ହେଲା। ତୁମ ଦେହ ଭଲ ହବା ଶୁଣିଲେ କ୍ରମେ କ୍ରମେ ସେ ଟିକେ ସୁସ୍ଥ ହେବେ। ଆସ୍ତେ ଆସ୍ତେ ସବୁ ଠିକ୍ ହୋଇଯିବ।"

କାଦମ୍ବିନୀ ସବୁ ଶୁଣି ମନକୁ ଦମ୍ଭ ଧରି ରହିଲେ ଏବଂ ଜଗନ୍ନାଥଙ୍କୁ ଡାକିଲେ। ପ୍ରଭୁ ତୁମ୍ଭେ ତାଙ୍କର ବାପ ମା' । ତୁମ୍ଭ ପାଖକୁ କେତେ ଆଶା କରି ଯାଇଛନ୍ତି ନିଜ ଶରୀର ପାଇଁ – ତୁମ୍ଭେ ତାଙ୍କୁ ରକ୍ଷା କର। କାଦମ୍ବିନୀ ସ୍ବାମୀଙ୍କର ଆସିବା ବାଟକୁ ଚାହିଁ ରହିଲେ।

ମଝିରେ ମଝିରେ ଜଗନ୍ନାଥ ବାବୁ ବୋହୁକୁ ପିଲାଙ୍କୁ ନବା ପାଇଁ ସମୁଦିଙ୍କ ପାଖକୁ ଖବର ଦିଅନ୍ତି। ପିଲାଙ୍କ ପାଠପଢ଼ା ନଷ୍ଟ ହେଉଛି ପଠାଇ ଦେଲେ ଭଲ ହୁଅନ୍ତା।

କିନ୍ତୁ ଦିଗମ୍ବର ମିଶ୍ର ଝିଅକୁ ପଠାଇବି ନାହିଁ ବୋଲି ଜଗନ୍ନାଥ ବାବୁଙ୍କୁ ଲେଖିଲେ। "ସେଠିକି ଗଲେ ଆପଣଙ୍କର ଘରର ପରିସ୍ଥିତି ଯାହା ସେ ଦେଖିଲେ ପୁଣି ଦେହ ଖରାପ ହବ ବେଶୀ। ଆପଣ ହଇରାଣ ହେବେ ନ ପଠେଇଲି ବୋଲି ବ୍ୟସ୍ତ ହେବେ ନାହିଁ। ଭଲ ହେଲେ ମୁଁ ଛାଡ଼ି ଆସିବି।" ଜଗନ୍ନାଥବାବୁ ସମୁଦିଙ୍କ ଚିଠି ପାଇ କିଛି ନ କହି ଚୁପ୍ ହୋଇ ରହିଲେ।

ପ୍ରସାଦ ଦୁଇମାସ ଛୁଟି ସରିଲା ପର୍ଯ୍ୟନ୍ତ ହୋଟେଲରେ ରହିଲା? ସେ ପ୍ରତ୍ୟେକଦିନ ଦେଉଳକୁ ଯାଏ। ଜଗନ୍ନାଥ ଦର୍ଶନ କରି ବେଢ଼ା ଭିତରେ ବସେ। ଦେଉଳରୁ ଯାଏ ସମୁଦ୍ର କୂଳକୁ ସେଠାରେ କିଛି ସମୟ ବସି ହୋଟେଲକୁ ଫେରେ? ମଝିରେ ମଝିରେ କାଦମ୍ବିନୀକୁ ଚିଠି ଦିଏ କିନ୍ତୁ କେଉଁଠି ଅଛି ଜଣାଏ ନାହିଁ। କାରଣ କାଦମ୍ବିନୀ ଜାଣିଲେ କାଳେ ପିଲାଙ୍କୁ ଧରି ଏଠାରେ ପହଞ୍ଚିବ। ସହଜେ 'ତା'ର ଦେହ ଖରାପ। ସେ ଟିକେ ବାପଘରେ ସୁସ୍ଥ ହୋଇ ପିଲାଙ୍କୁ ଧରି ରହୁ। ମୋର ଛୁଟି ସରିଲେ ମୁଁ ଯାଇ ନେଇ ଆସିବି।

ପ୍ରସାଦର ମନରେ ଅସରନ୍ତି ଭାବନା । ତେଣେ ବାପ, ମା', ଭାଇ ଏଣେ ସ୍ତ୍ରୀ ପିଲା ଓ ନିଜେ ସେ କାହାକୁ ସନ୍ତୁଷ୍ଟ କରିବ ଏବଂ ଦି ପଇସା ଅଧିକା ରୋଜଗାର କଲେ ପିଲାଙ୍କୁ ଧରି ଶାନ୍ତିରେ କାଳଯାପନ କରିବ? ପିଲାଙ୍କ ପଢ଼ାପଢ଼ା ଦେଖିବାକୁ ହେବ।

Source: Author, Digitized by PPRACHIN, SOA

ପ୍ରସାଦ ଦୁଇମାସ ରହିଲା ପରେ ତା'ର ସ୍ୱାସ୍ଥ୍ୟଟିକେ ପରିବର୍ତ୍ତନ ହେଲା। କିନ୍ତୁ ଛୁଟିପରେ କଲେଜରେ ଜଏନ୍ କରିବାକୁ ପଡ଼ିବ ଏବଂ ହଷ୍ଟେଲର ଦାୟିତ୍ୱ ବହନ କରିବାକୁ ହେବ। କ୍ୱାଟର କଥା ବୁଝିବ। କ୍ୱାଟର ମିଳିଲେ ପ୍ରସାଦ ଗାଁକୁ ଯାଇ ତା'ର ବିଧବା ଖୁଡ଼ିକୁ ଆଣିବ। ତାପରେ ପିଲାଙ୍କୁ ଆଣିବାକୁ ଯିବ ? ସେ ମନେ ମନେ ସ୍ଥିର କଲା।

ପ୍ରସାଦର ଦୁଇମାସ ସରିଲା ପରେ ସେ କଲେଜରେ ଜଏନ୍ କଲା ଏବଂ ହଷ୍ଟେଲ ଦାୟିତ୍ୱ ନେଲା। କ୍ୱାଟର ହଷ୍ଟେଲର ଆଗ ସାମନା। ବହୁତ ବଡ଼ କ୍ୱାଟର, ବିରାଟ ବଗିଚା। ହଷ୍ଟେଲର ମାଳିଥାଏ। ସବୁ ପରିବା ପତ୍ର ସେ ବଗିଚାରୁ ଆସେ। ପ୍ରସାଦର କ୍ୱାଟରକୁ ଲାଗି ପ୍ରିନ୍‌ସିପାଲ୍‌ଙ୍କ କ୍ୱାଟର। ଡଃ ମହାନ୍ତି ପ୍ରିନ୍‌ସିପାଲ୍। ତାଙ୍କ ସ୍ତ୍ରୀ ବହୁତ ଭଲ। ସବୁ ଜିନିଷ ଶସ୍ତା ସେଠାରେ। ଚାଉଳ ୨୦କିଲୋ କିଣିଲେ ଦୁଇମାସ ଯାଏ। ରାଶି ତେଲ ଅଟା ସେର ଟ.୧। ପ୍ରସାଦକୁ ସେଠାରେ ବହୁତ ଭଲ ଲାଗିଲା। ଦେହ ଭଲ ହେବାରୁ ସେ ଗାଁକୁ ଯାଇ ସବୁ କଥା କହିଲା ତା ବାପାଙ୍କୁ। ଜଗନ୍ନାଥ ବାବୁ ପୁଅକୁ ଦେଖି ଖୁସି ହୋଇଗଲେ। ପ୍ରସାଦର ମା' ଦେଖି କାନ୍ଦି ପକାଇଲେ। ପ୍ରସାଦ ୩ ଦିନ ଗାଁରେ ରହି ଖୁଡ଼ିଙ୍କୁ ନେଇ କରି ଆସିଲା।

ପ୍ରସାଦର ବ୍ୟବହାରରେ ଛାତ୍ର, ଅଧ୍ୟାପକ ଓ ପ୍ରିନ୍‌ସିପାଲ୍ ଭଲ ପାଇବାକୁ ବସିଲେ। ପ୍ରତ୍ୟେକ ଦିନ ଡଃ ମହାନ୍ତି ପ୍ରସାଦକୁ ଡାକି ନଅନ୍ତି ମର୍ଣ୍ଣିଂଓ୍ୱାର୍କ ପାଇଁ ମହେନ୍ଦ୍ର ତନୟା ନଦୀ ପାଖକୁ। ଡଃ. ମହାନ୍ତି ଓ ତାଙ୍କ ସ୍ତ୍ରୀ ପ୍ରସାଦକୁ ପୁଅ ପରି ଭଲ ପାଆନ୍ତି। ସେ ସବୁବେଳେ କହନ୍ତି – "ପ୍ରସାଦ ଆମେ ବୁଢ଼ାବୁଢ଼ୀ ଏକାଟିଆ ଅଛୁ। ତୁମ ପିଲାମାନଙ୍କୁ ଆଣ ଆମକୁ ଭଲ ଲାଗିବ।" ପ୍ରସାଦ କହିଲା – "ହଁ ସାର, ମୁଁ ୪/୫ ଦିନ ଛୁଟି ପାଇଲେ ଯାଇ ପିଲାଙ୍କୁ ନେଇ ଆସିବି ? ଏବେ ତ ଦୁଇମାସ ଛୁଟିରେ ଥିଲି। ଏବେ ଜଏନ୍ କଲି। ପୁଣି ହଷ୍ଟେଲ୍ ଦାୟିତ୍ୱ। ଭାବିଛି ପୂଜା ଛୁଟିରେ ଯାଇ ନେଇ ଆସିବି।"

ଡଃ ମହାନ୍ତି କହିଲେ, ହଁ ଯାହା କହିଲ ଠିକ୍ କଥା। ପୂଜା ଛୁଟିରେ ଯାଇ ନେଇ ଆସିବ। ଡଃ ମହାନ୍ତି ପ୍ରତ୍ୟେକ କଥାରେ ପ୍ରସାଦକୁ କହନ୍ତି ତୁମର ଯାହା ଅସୁବିଧା ହବ ମୋତେ କହିବ।

Source: Author, Digitized by PPRACHIN, SOA

କାଦମ୍ବିନୀ ମଝିରେ ମଝିରେ ଚିଠି ଦିଅନ୍ତି ସ୍ୱାମୀଙ୍କୁ ଯିବା ପାଇଁ। ପୂଜା ଛୁଟିଥାଏ। ୮/୧୦ ଦିନ ପରେ ପ୍ରସାଦ କାଦମ୍ବିନୀଙ୍କୁ ଚିଠି ଦେଲା "ମୁଁ କଲେଜ ହଷ୍ଟେଲ କାମରେ ବ୍ୟସ୍ତ ଅଛି। ପୂଜା ଛୁଟି ହେଲେ ମୁଁ ଯାଇ ତୁମକୁ ପିଲାଙ୍କୁ ନେଇ ଆସିବି, ବ୍ୟସ୍ତ ହେବ ନାହିଁ। ଖୁଡ଼ି ଆସି ପାଖରେ ଅଛି। ଖାଇବା ପିଇବାରେ କିଛି ଅସୁବିଧା ହଉନି। ମୋ ଲାଗି ବ୍ୟସ୍ତ ହେବନି, ଦେହକୁ ଜଗି ଚଳିବ। ପ୍ରସାଦ ।"

କାଦମ୍ବିନୀ ସ୍ୱାମୀଙ୍କ ପାଖରୁ ଚିଠି ଖଣ୍ଡେ ପାଇ ଆଶ୍ୱସ୍ତ ହେଲେ। ପୂଜାଛୁଟି ହବାରୁ ପ୍ରସାଦ ବସନ୍ତପୁର ଗଲା। ସେଠାରେ ୭/୮ ଦିନ ରହି ଶ୍ୱଶୁର ଘରକୁ ଗଲା କାଦମ୍ବିନୀଙ୍କୁ ପିଲାଙ୍କୁ ଆଣିବା ପାଇଁ।

ଦିଗମ୍ବର ମିଶ୍ର ଜ୍ୱାଇଁଙ୍କୁ ଦେଖି ଖୁସି ହୋଇଗଲେ। ଜମିଦାର ଘର ଖାଇବା ପିଇବାରେ ଅନୁସୟା ଲାଗିପଡ଼ି ଥାଆନ୍ତି। ପିଲାମାନେ ବାପାଙ୍କ ସାଙ୍ଗରେ ଆସିବେ ବୋଲି ପ୍ରସାଦର ପାଖ ଛାଡୁ ନଥାନ୍ତି।

ଦିଗମ୍ବର ମିଶ୍ର ଯୋଗାଡ଼ କଲେ ଝିଅ ଯିବାର ବ୍ୟବସ୍ଥା ଚାଉଳ ଡାଲିଠାରୁ ଆରମ୍ଭ କରି ଲୁଗାପଟା ପର୍ଯ୍ୟନ୍ତ। ପ୍ରସାଦ ପିଲାଙ୍କୁ ଧରି କଟକ ପର୍ଯ୍ୟନ୍ତ ଆସିଲା। ଦିଗମ୍ବର ମିଶ୍ର ସାଙ୍ଗରେ ଆସିଲେ ଝିଅକୁ ଛାଡ଼ିବା ପାଇଁ। ପିଲାମାନେ ଆସିଲାବେଳେ ଅନୁସୟା କାନ୍ଦିଲେ ଝିଅ ପାଇଁ।

କଟକରେ କାଦମ୍ବିନୀଙ୍କର ବଡ଼ ଭଉଣୀ ଥାଆନ୍ତି। ଭିଣେଇ ଡାକ୍ତର। ଦିଗମ୍ବର ମିଶ୍ରେ ଝିଅ ଜ୍ୱାଇଁ କି ନେଇ ଆଗ ସେଠାରେ ପହଞ୍ଚିଲେ ଦୁଇ ତିନିଦିନ କାଦମ୍ବିନୀ ରହିଲେ ଭଉଣୀ ଘରେ । ପିଲାମାନେ ମଉସା ମାଉସୀଙ୍କ ପାଖ ଛାଡୁ ନଥାନ୍ତି।

ପ୍ରସାଦ କାଦମ୍ବିନୀର ଓ ପିଲାମାନଙ୍କର ଦେହ ଦେଖାଇ ଔଷଧ ପତ୍ର ନେଇ ପଲସା ଅଭିମୁଖେ ଯାତ୍ରା କଲା। ଦିଗମ୍ବର ମିଶ୍ର କଟକ ଷ୍ଟେସନରେ ଝିଅକୁ ଟ୍ରେନରେ ବସାଇ ଗାଁକୁ ଫେରିଲେ। ଟ୍ରେନ ପଲସାରେ ପହଞ୍ଚିଲା ବେଳକୁ ଦିନ ୧୦ଟା। ସେଠାରୁ ବସ୍‌ରେ ପାରଳାଖେମୁଣ୍ଡି ଗଲେ। ବସ୍ ଷ୍ଟାଣ୍ଡରୁ ଝଟକା କରି କ୍ୱାଟର ଘରକୁ ଗଲେ।

କାଦମ୍ବିନୀ ଖୁଡ଼ିଶାଶୁଙ୍କୁ ମୁଣ୍ଡିଆ ମାରିଲେ ପ୍ରସାଦ ପିଲାଙ୍କୁ କହିଲା ମା'ଙ୍କୁ ମୁଣ୍ଡିଆ ମାର। ଝିଅ ଦୁଇଜଣ ମୁଣ୍ଡିଆ ମାରିଲେ। ପୁଅଟି ପାଞ୍ଚ ଛଅ ମାସର । ଖୁଡ଼ି ପୁଅକୁ ନେଲେ।

Source: Author, Digitized by PPRACHIN, SOA

ପ୍ରସାଦ ତରତର କରି ସ୍ନାନାଦି ସମାପନ କରି ଖାଇ ଦେଇ କଲେଜ ଗଲା । କେଲଜରେ କ୍ଲାସ ନେଲା । ପ୍ରିନ୍‌ସ୍‌ପାଲ୍ କମନ୍‌ରୁମ୍‌ରେ ଆସି ବସିଥାନ୍ତି ।

ପ୍ରସାଦକୁ ଦେଖି ଡଃ ମହାନ୍ତି କହିଲେ କ'ଣ ପିଲାମାନଙ୍କୁ ଆଣିଲ ? ହଁ ସାର ପିଲାଙ୍କୁ ନେଇ ଆସିଲି ।

ଡଃ ମହାନ୍ତି – ହଉ ଭଲ କଲ ସନ୍ଧ୍ୟାବେଳକୁ ମାଉସୀଙ୍କୁ ନେଇ ତୁମ ଘରକୁ ଯିବି ।

ପ୍ରସାଦ କଲେଜରୁ ଫେରିଲା ବେଳକୁ ସନ୍ଧ୍ୟା ୫ଟା ବାଜିଲାଣି । ସେ କାଦମ୍ବିନୀକୁ କହିଲା – ଆମ ଘର ପାଖରେ ଯେଉଁ ପ୍ରିନ୍‌ସପାଲଙ୍କର କ୍ୱାଟର ଅଛି ତାଙ୍କ ପୁଅ ବୋହୁ କଟକରେ ଅଛନ୍ତି । ବୁଢ଼ା ବୁଢ଼ୀ ଏଠି ଏକା ଅଛନ୍ତି । ଭାରି ଭଲ ଲୋକ । ମୋତେ ପୁଅ ପରି ବହୁତ ସ୍ନେହ ଶ୍ରଦ୍ଧା କରନ୍ତି ।

କାଦମ୍ବିନୀ ଠାକୁର ଘରେ ସନ୍ଧ୍ୟା ଦେଇ ରୋଷେଇ ଘରେ ଅଛନ୍ତି । ପିଲାମାନେ ଖେଳୁଛନ୍ତି । ଖୁଡ଼ି ମା' ପୁଅକୁ କାଖ କରିଛନ୍ତି ।

ଡଃ ମହାନ୍ତି ତାଙ୍କ ସ୍ତ୍ରୀ ଆସି ପହଞ୍ଚିଲେ । ପ୍ରସାଦ ଝିଅ ଦୁଇଜଣଙ୍କୁ ଡାକି କହିଲା ଆସ ଅଜା ଆଈଙ୍କୁ ମୁଣ୍ଡିଆ ମାର । ଝିଅ ଦୁଇଜଣ ମୁଣ୍ଡିଆ ମାରିଲେ । ଡଃ ମହାନ୍ତିଙ୍କ ସ୍ତ୍ରୀ ରୋଷେଇ ଘରକୁ ଗଲେ ଦେଖିଲେ ଝିଅଟି ରାନ୍ଧୁଛି । ତାଙ୍କୁ ଦେଖି କାଦମ୍ବିନୀ ପାଖରେ ଆସି ନମସ୍କାର କଲା ପ୍ରିନ୍‌ସିପାଲ୍‌ଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ । ବୁଢ଼ାବୁଢ଼ୀ ପ୍ରସାଦର ସ୍ତ୍ରୀ ପିଲାଙ୍କୁ ଦେଖି ଖୁସି ହୋଇଗଲେ । ନିଜ ଘର ପରି ଦୁଇ ଘର ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇ ପଡ଼ିଲେ ।

\+ + +

ଡଃ. ମହାନ୍ତି ଦିନରେ ଖାଇ ବସିଲା ବେଳକୁ କାଦମ୍ବିନୀକୁ ଡାକିବେ ମା' ତୋର ପିଲାଙ୍କୁ ଆଣ ମୋ ସାଙ୍ଗରେ ଖାଇବେ । ଆଗ ଆଗ କାଦମ୍ବିନୀକୁ ପଠାଇବାକୁ ଅଡୁଆ ଲାଗୁଥିଲା । କିନ୍ତୁ ଡଃ ମହାନ୍ତିଙ୍କ ସ୍ତ୍ରୀ ନିଜେ ଆସି ପିଲାଙ୍କୁ ଡାକି ନେଲେ । କାଦମ୍ବିନୀର ବ୍ୟବହାରରେ ବୁଢ଼ାବୁଢ଼ୀ ଝିଅଠାରୁ ବଳି ଆହୁରି ଭଲ ପାଇଲେ । କାଦମ୍ବିନୀର ଦେହ ଖରାପ ହେଲେ ବୁଢ଼ୀ ତାଙ୍କ ଘରେ ପିଲାଙ୍କୁ ନେଇ ଯାଆନ୍ତି ଓ କାଦମ୍ବିନୀର ସୁବିଧା ଅସୁବିଧା ବୁଝନ୍ତି ।

Source: Author, Digitized by PPRACHIN, SOA

କାଦମ୍ବିନୀକୁ ଧରମ ଝିଅ କଲେ ଡଃ. ମହାନ୍ତି । ସେ ତାଙ୍କ ସ୍ନେହରେ ବାନ୍ଧି ହୋଇ ପଡ଼ିଲା । ବାପା ମା' ବୋଲି ଡାକେ । ପରସ୍ପରରେ ଏହି ସ୍ନେହଶ୍ରଦ୍ଧା ଲାଗି ରହିଲା ।

ଡଃ ମହାନ୍ତି ପ୍ରିନ୍‌ସିପାଲ୍ କ୍ୱାଟରକୁ ଚାଲିଗଲେ । ଟିକେ ଦୂର ଯାଗାକୁ । ସେ ଚାଲିଗଲା ବେଳେ କାଦମ୍ବିନୀ ରନ୍ଧା ବଢ଼ା କରି ଖାଇବାକୁ ଡାକିଲା । ତାଙ୍କୁ ଦେଖି ବାପ ମା'ଙ୍କ କଥା ମନେ ପକାଇ ବହୁତ କାନ୍ଦିଲା ।

ପ୍ରିନ୍‌ସିପାଲ୍ ଓ ତାଙ୍କ ସ୍ତ୍ରୀ ବୁଝାବୁଝି କରିଗଲେ । ମଝିରେ ମଝିରେ କାଦମ୍ବିନୀ ପିଲାଙ୍କୁ ନେଇଯାଏ । ସେ ପିଲାଙ୍କୁ ଦେଖି ଭାରି ଖୁସି ହୁଅନ୍ତି ।

ଦିନେ ଦିନେ ପ୍ରସାଦ କଲେଜ ଗଲାବେଳକୁ କାଦମ୍ବିନୀକୁ ପିଲାଙ୍କୁ ଛାଡ଼ି ଦେଇ ଯାଏ ଡଃ. ମହାନ୍ତିଙ୍କ ଘରେ । ଫେରିଲା ବେଳକୁ ନେଇ ଆସେ । ଡଃ ମହାନ୍ତି ଚାଲିଗଲା ପରେ ସେଠିକି ଆସିଲେ ସୁପରିଣ୍ଟେଣ୍ଡେଟ୍ ରାଓ ବାବୁ । ସେ ତାଙ୍କ ପିଲାମାନଙ୍କୁ ନେଇ ସେଠି ରହିଲେ । ସେଠା ରଜାଙ୍କର ବନ୍ଧୁବାନ୍ଧବ । ରାଓ ବାବୁଙ୍କ ସ୍ତ୍ରୀ ପୁରୁଣା ପାଟଣା ସାମନ୍ତଙ୍କ ଝିଅ ।

ପ୍ରସାଦର ରାଓବାବୁଙ୍କ ସହିତ ଭଲ ପଡ଼ିଲା । ରାଓବାବୁଙ୍କ ସ୍ତ୍ରୀ କାଦମ୍ବିନୀ ସଙ୍ଗାତ ବସିଲେ । ପ୍ରସାଦ ଘର ରାଓବାବୁଙ୍କ ଘର ଏକା ପରି ଚଳିଲେ ।

ପ୍ରସାଦ ସେଠି ବହୁତ ଖୁସିରେ ଥାଏ । ପିଲାଙ୍କର ଦେହ ଖରାପ ହେଲେ ସେଠା ଡାକ୍ତରଖାନାର ଡାକ୍ତର ଶ୍ରୀଧର ମହାନ୍ତି ଆସି ଦେଖାଦେଖି କରନ୍ତି । ଏହିପରି କିଛିଦିନ ପରେ ଡଃ ମହାନ୍ତି ରିଟାଏଡ୍ କରି ଚାଲିଗଲେ ଭୁବନେଶ୍ୱର ତାଙ୍କ ପୁଅ ପାଖକୁ ।

ପ୍ରସାଦ ଦୁଇ ଭାଇଙ୍କୁ ଆଣି ପାଖରେ ରଖିଲା ପଢ଼ିବାକୁ । ପଢ଼ାପଢ଼ିରେ ସେ ଗରିବ ଛାତ୍ରମାନଙ୍କୁ ସାହାଯ୍ୟ କରେ । ତା'ର ଟଙ୍କା ଟିକିଏ ଅଧିକ ମିଳିଲା । ପ୍ରସାଦ କାଦମ୍ବିନୀ ସମସ୍ତଙ୍କୁ ଏହିପରି ଦୁଃଖେସୁଖେ ସ୍ନେହ ଶ୍ରଦ୍ଧା କରି ଖୁଡ଼ିଶାଶୁଙ୍କ ସାଙ୍ଗରେ ମିଶି କାମ ଦାମ ରନ୍ଧାବଢ଼ା କରି ଚଳାନ୍ତି । କାଦମ୍ବିନୀକୁ ଖୁଡ଼ିଶାଶୁ ବହୁତ ଭଲ ପାଇଲେ ।

କୃଷ୍ଣଚନ୍ଦ୍ର ଗଜପତି କଲେଜରେ ୬/୭ ବର୍ଷ ରହିଲା ପ୍ରସାଦ ।

Source: Author, Digitized by PPRACHIN, SOA

ରାଜା ପ୍ରସାଦକୁ ବହୁତ ଭଲ ପାଆନ୍ତି। ରାଜା କାଦମ୍ବିନୀକୁ ବରହମପୁରୀ ପାଟଟିଏ ଉପହାର ଦେଇଥିଲେ।

+ + +

ଜଗନ୍ନାଥ ବାବୁ ପୁଅ ପାଖକୁ ମଝିରେ ମଝିରେ ଆସନ୍ତି। ପ୍ରସାଦର ମା' ମଧ୍ୟ ଥରେ ଆସିଥିଲେ। ହଠାତ୍ ପ୍ରସାଦର ପୁରୀ ଟ୍ରାନ୍ସଫର ହୋଇଗଲା। ହଷ୍ଟେଲ୍‌ର ଛାତ୍ରମାନେ ପିଅନମାନେ କାନ୍ଦି ପକାଇଲେ। ସେମାନେ ସାଙ୍ଗରେ ପୁରୀ ଆସିଲେ ଜିନିଷ ପତ୍ର ନେଇ ଛାଡ଼ିବା ପାଇଁ।

ପ୍ରସାଦ ହସ୍‌ପିଟାଲ୍ ପାଖରେ ଘର ଭଡ଼ାଟିଏ କରି ରହିଲା। ପ୍ରସାଦର ସାନ ଭାଇ ଆୟୁର୍ବେଦ କଲେଜରେ ଲେକ୍‌ଚର୍ ଥିଲେ। ଦୁଇଝିଅ ପୁରୀରେ ପଢ଼ିଲେ। ପୁରୀ ଜଳବାୟୁରେ ପୁଅ ଦେହ ଜମା ଭଲ ରହିଲାନି। ପ୍ରସାଦ ବ୍ୟସ୍ତ ହୋଇ ପଡ଼େ। କିନ୍ତୁ ସେ ସ୍ତ୍ରୀ ଆଗରେ ବ୍ୟସ୍ତ ହୁଏନି ତା'ର ଦେହ ପାଇଁ। ସ୍ତ୍ରୀକୁ ସବୁବେଳେ ଖୁସି ରଖିବାକୁ ଚେଷ୍ଟା କରେ ପ୍ରସାଦ।

ଦିଗମ୍ବର ବାବୁ ପୁରୀ ଆସିଲେ ଝିଅକୁ ଦେଖିବାକୁ। ନାତି ବୁଢ଼ାର ଦେହ ଖରାପ ଦେଖି ମନ ତାଙ୍କର ଖରାପ ହୋଇଗଲା। ତାଙ୍କର ପୁରୀ ପାଖରେ ପିପିଲି ଜମିଦାରୀ ଥିଲା। ସେଦିନେ ଯାଇ ସେଠାରୁ ଗୋଟିଏ ଗାଈ ଆଣିଲେ ନାତି କ୍ଷୀର ଖାଇବା ପାଇଁ - ଏବଂ ଗୁମାସ୍ତାକୁ କହି ଆସିଲେ ନଡ଼ିଆ ପଇଡ଼ ଚାଉଳ ଯାହା ଦରକାର ପୁରୀରେ ପ୍ରତ୍ୟେକ ମାସରେ ଆଣିଦବା ଲାଗି। ଗୁମାସ୍ତା ଦିଗାମ୍ବର ମିଶ୍ର ସବୁ ବରାଦ କରି ୪/୫ ଦିନ ରହି ଗାଁକୁ ଗଲେ। ଗୁମାସ୍ତା ପ୍ରତ୍ୟେକ ମାସରେ ନଡ଼ିଆ ପଇଡ଼ ସବୁ କିଛି ଦେଇଯାଏ।

ପ୍ରସାଦ ଯେତେବେଳେ ନିଜ ଦେହ ପାଇଁ ପୁରୀରେ ବେମାର ଥିଲା ଡଃ ରବି ସାହୁ ତା'ର ଚିକିତ୍ସା କରୁଥିଲେ। ସେ ବଡ଼ ହସପିଟାଲର ସିଭିଲ୍ ସର୍ଜନ ଥିଲେ। କାଦମ୍ବିନୀ କିମ୍ବା ପିଲାଙ୍କର ଦେହ ଖରାପ ହେଲେ ପ୍ରସାଦ ତାଙ୍କୁ ଡାକି କରି ଆଣେ ଘରକୁ । ସେ ଦେଖି ଔଷଧ ପତ୍ର ଦିଅନ୍ତି।

କାର୍ତ୍ତିକ ମାସରେ କାଦମ୍ବିନୀଙ୍କ ଜେଜେମା ଆସି ତାଙ୍କ ପାଖରେ ହବିଷ କଲେ। ତାଙ୍କରି ପାଖରେ ପୁଅକୁ ଛାଡ଼ି କାଦମ୍ବିନୀ ମଝିଆ ଝିଅଟିକୁ ନେଇ ମନ୍ଦିରଗଲା। ଜଗନ୍ନାଥ ଦର୍ଶନ କରି ଘରକୁ ଫେରିଲାବେଳକୁ

Source: Author, Digitized by PPRACHIN, SOA

ରିକ୍ସାକୁ ଆଉ ଗୋଟେ ରିକ୍ସାବାଲା ବାଡ଼େଇ ଦବାରୁ ରିକ୍ସା ଚଢ଼ିଗଲା। ଝିଅ ଅଜ୍ଞାନ ହୋଇପଡ଼ିଲା। ଲୋକେ ଜମା ହୋଇପଡ଼ିଲେ। କାଦମ୍ବିନୀ କାନ୍ଦୁଥାନ୍ତି । ଜଣେ ଭଦ୍ରଲୋକ କାରରେ ଆସୁଥିଲେ। ସେ ଭଦ୍ରଲୋକ ମା' ଝିଅଙ୍କୁ ଆଣି ଘରେ ଛାଡ଼ିଦେଇଗଲେ।

କାଦମ୍ବିନୀ ଘରେ ପହଞ୍ଚି ଦେଖନ୍ତି ବାପା ତାଙ୍କର ଯେଉଁ ଗାଈ ଦେଇଥିଲେ ସେ ଗାଈ ଯାଇଥିଲା ଚରିବାକୁ। ସେଠାରେ ସେ କ'ଣ ଖାଇଛି କେଜାଣି ଅବସ୍ଥା ବହୁତ ଖରାପ ଗଁ ଗଁ ହଉଛି ?

ପ୍ରସାଦ କଲେଜରୁ ଆସି ଦେଖି ଭୟଭୀତ ହୋଇ ପଡ଼ିଲା। ସଙ୍ଗେ ସଙ୍ଗେ ଡଃ ରବିସାହୁଙ୍କ ପାଖକୁ ଗଲା।

ପ୍ରସାଦ, ସବୁକଥା ଡଃ ସାହୁଙ୍କୁ କହିଲା । ମୋର ଭାଗ୍ୟ ଖରାପ ଯେଉଁଠିକି ଗଲେ ମୋର ଶାନ୍ତି ନାହିଁ।

ଡଃ ସାହୁ କହିଲେ, "ପ୍ରସାଦ ବାବୁ ଆପଣ ଟିକେ କଥାରେ ବ୍ୟସ୍ତ ହୋଇପଡୁଛନ୍ତି। ଆପଣ ଜଗନ୍ନାଥଙ୍କ ଭକ୍ତ ତାଙ୍କୁ ଡାକନ୍ତୁ ସେ ରକ୍ଷା କରିବେ।" ସେ କହିଲା "ମୁଁ ତ ବରାବର ଡାକୁଛି। ସେ ସାହାଯ୍ୟ କରି ନଥିଲେ ମୁଁ ଏତେବାଟ ଆସି ପାରି ନଥାନ୍ତି। ଆଉ ଗୋଟିଏ କଥା ଭାଗ୍ୟ ମୋର ସୁପ୍ରସନ୍ନ ନୁହେଁ। ପୂର୍ବ ଜନ୍ମରେ ମୁଁ ଯାହା କରିଛି ମୋତେ ସେ ଫଳ ଭୋଗିବାକୁ ପଡ଼ିବ ?" ଡଃ ସାହୁ କହିଲେ "ଆମେ ପୂର୍ବ ଜନ୍ମ, ପରଜନ୍ମ ବିଶ୍ୱାସ କରୁନା। ଧର ଏହି ଦଙ୍ଗା, ଦୁର୍ଭିକ୍ଷରେ ବା ଯୁଦ୍ଧ କ୍ଷେତ୍ରରେ ଏକା ଥରକେ ଲୋକ ମଲେ ସେମାନଙ୍କ ଭାଗ୍ୟରେ କ'ଣ ଏକାଥରକେ ଏକ ଯୁଦ୍ଧକ୍ଷେତ୍ରରେ ମରିବାକୁ ଥିଲା ?"

ପ୍ରସାଦ – "ଏ ଦୈବ ଦୁର୍ଘଟଣା। ଆହୁରି ମଧ୍ୟ ସେହି ବ୍ୟକ୍ତିଗତ ଜୀବନରେ ଯେପରି ବିପଦ ଆସିଥାଏ, ସେପରି ଜାତୀୟ ଜୀବନରେ ବି ବିପଦ ଆସିଥାଏ। ଆଉ ଗୋଟିଏ କଥା ସମସ୍ତ ଭଗବାନ କରୁଛନ୍ତି। ମହାଭାରତ ଯୁଦ୍ଧରେ ଯେତେବେଳେ ଅର୍ଜ୍ଜୁନ ତାଙ୍କର ନିଜର ବନ୍ଧୁବାନ୍ଧବଙ୍କ ସହିତ ଯୁଦ୍ଧ କରିବାକୁ ଅନିଚ୍ଛା ପ୍ରକାଶ କଲେ, ସେତେବେଳେ ଭଗବାନ ବିଶ୍ୱମୂର୍ତ୍ତି ଧାରଣ କରିଥିଲେ, ଅର୍ଜ୍ଜୁନ ଦେଖିଲେ।"

Source: Author, Digitized by PPRACHIN, SOA

ଡଃ ସାହୁ କହିଲେ – "ଆପଣ କହୁଛନ୍ତି ଭଗବାନ ସବୁ କରୁଛନ୍ତି। ଆମେ କେବଳ ନିମିତ୍ତ ମାତ୍ର। ଆଚ୍ଛା ଯେତେ ମନୁଷ୍ୟ ଅନ୍ୟାୟ ଅଧର୍ମ କାମ କରୁଛି ସେତେବେଳେ କ'ଣ ଭଗବାନ ଏସବୁ ଦେଖୁଛନ୍ତି ?"

ପ୍ରସାଦ – "ନିଶ୍ଚୟ ଏକଥା ତ ବହୁବାର ଆଲୋଚିତ ହେଇଛି, ଯାହାର ଯାହା କରିବାକୁ ଅଛି ସେ ତାହା କରିବ ଏବଂ ସେହି ଅନୁଯାୟୀ ସେ ନିନ୍ଦା ବା ପ୍ରଶଂସା ପାଇବ।"

ଡଃ ସାହୁ – ଏ ଚିକିତ୍ସା ଶାସ୍ତ୍ର, ଭାଗ୍ୟକୁ ଏକଦମ୍ କାଟି ଦେଇଛି।

ପ୍ରସାଦ କହିଲା ଚିକିତ୍ସା ଶାସ୍ତ୍ର କଥାଛାଡ଼, କାହିଁ ସେମାନେ ମୃତ୍ୟୁ ମୁଖରୁ ଜଣକୁ ବଞ୍ଚାନ୍ତୁ ଦେଖିବା ? ଡଃ ସାହୁ କହିଲେ – ସବୁ ବିଶ୍ୱାସ ଉପରେ ନିର୍ଭର କରେ ? ଆପଣ ଟିକେ କଥାରେ ଏତେ ଭୟ କରନ୍ତୁ ନାହିଁ।

ପ୍ରସାଦ ଡଃ. ସାହୁଙ୍କୁ ଧରି ଘରକୁ ଆସିଲା। ଦେଖିଲା ଗାଈଟା ମରିଯାଇଛି। ଝିଅ ଟିକେ ଭଲ ଅଛି। ଡଃ ସାହୁ ଔଷଧ ପତ୍ର ଦେଲେ କହିଲେ – "ଜୀବନରେ ବହୁତ ଝଡ଼ଝଞ୍ଜା ଆସିବ ତାକୁ ସହିବାକୁ ପଡ଼ିବ। ମୁଁ ଅଛି ଆପଣ ଜମା ବ୍ୟସ୍ତ ହେବେନି।" କାଦମ୍ବିନୀ ଗରମ ଜଳଖିଆ ଆଣି ଦେଲା। ଡଃ ସାହୁ କାଦମ୍ବିନୀକୁ ଦେଖି ନିଜ ଝିଅ କଥା ତାଙ୍କର ମନେ ପଡ଼ିଲା। ତାଙ୍କର ଏହିପରି ଦେଖିବାକୁ ଝିଅଟିଏ ଥିଲା । ହଠାତ୍ ମରିଗଲା। ତାଙ୍କ ଆଖିରେ ଲୁହ ଜକେଇ ଉଠିଲା। ପ୍ରସାଦ କହିଲା "ଆପଣ ମୋତେ ବହୁତ ସାହାଯ୍ୟ କଲେ।"

ଡଃ ସାହୁ କହିଲେ – "ଭଗବାନ ଆମକୁ ଜନ୍ମ ଦେଇ ଡାକ୍ତର କରିଛନ୍ତି ଜନସେବା କରିବାକୁ। ଆପଣ ତ ଜନସେବା କରନ୍ତି ଆପଣଙ୍କୁ ମୁଁ କ'ଣ ବୁଝେଇବି ?" ସବୁ କଥାବାର୍ତ୍ତା କରି ଡଃ ସାହୁ ତାଙ୍କ କ୍ଲିନିକ୍‌କୁ ଚାଲିଗଲେ।

ପୁରୀ କଲେଜରେ ଅଧ୍ୟାପକ ଓ ଛାତ୍ରମାନେ ପ୍ରସାଦକୁ ବହୁତ ଭଲ ପାଇଲେ। ପ୍ରସାଦର ଶାନ୍ତ ଶିଷ୍ଟ ବ୍ୟବହାର, ଗରିବ ଛାତ୍ରମାନଙ୍କୁ ସାହାଯ୍ୟ କରିବା ତାଙ୍କର ସ୍ୱଭାବ। ଏହା ସମସ୍ତଙ୍କୁ ମୁଗ୍ଧ କରିଦେଲା।

Source: Author, Digitized by PPRACHIN, SOA

ଦିଗମ୍ବର ମିଶ୍ର ଝିଅଠାରୁ ଚିଠି ପାଇଲେ। ଗାଈ ମରିଯିବା କଥା, ନାତୁଣୀର ଏପରି ଦେହ ଖରାପ । ସମସ୍ତଙ୍କୁ ଦେଖି ଆସିବେ, ସବୁ ବିଷୟ ଭାବି ସେ ପୁରୀ ଆସିଲେ। ପିପିଲିରୁ ପୁଣି ଗୋଟେ ଗାଈ ଆଣି ଦେଇଗଲେ ପିଲାମାନେ କ୍ଷୀର ଖାଇବାକୁ। ୪/୫ ଦିନ ରହି ମିଶ୍ରେ ଗାଁକୁ ଫେରିଗଲେ।

ବର୍ଷେ ଦୁଇବର୍ଷ ପରେ ପ୍ରସାଦକୁ ମନ୍ଦିର ପାଖରେ ଗୋଟିଏ ସରକାରୀ କ୍ୱାଟର ମିଳିଲା। ସମୁଦ୍ର ପାଖରେ, ପ୍ରସାଦ ପିଲାଙ୍କୁ ଧରି କ୍ୱାଟରକୁ ପଳାଇ ଆସିଲା। କ୍ୱାଟରରେ ଗାଈ ରହିବାକୁ ବଡ଼ ଗୁହାଳ । ସବୁ ସୁବିଧା। ଦିନେ ବଡ଼ ଝିଅ ସ୍କୁଲରୁ ଆସି କାଦମ୍ବିନୀକୁ କହିଲା ମା' ୩ ଟଙ୍କା ଦିଅ। କାଦମ୍ବିନୀ କହିଲେ କ'ଣ କରିବୁ ? ମୁଁ ସଙ୍ଗୀତ ସ୍କୁଲରେ ନାଁ ଲେଖାଇବି। ଗୀତ ଗାଇବି ସଙ୍ଗୀତ ସମ୍ମିଳନୀରେ। ଝିଅ କଥା ଶୁଣି କାଦମ୍ବିନୀ ହସି ହସି ଗଡ଼ିଗଲେ। ହସୁଛ କ'ଣ ? ପଇସା ଦିଅ। ନନା ଆସନ୍ତୁ ପଇସା ଦେବେ। ପ୍ରସାଦ କଲେଜରୁ ଆସି ପହଞ୍ଚିଛି କାଦମ୍ବିନୀ କହିଲେ, ଶୁଣିଲଣି ଆଜି ତମ ଝିଅ ଖିଆପିଆ କରୁନି। ୩ ଟଙ୍କା ଦେଲେ ସଙ୍ଗୀତ ସ୍କୁଲରେ ନାଁ ଲେଖାଇ ସଙ୍ଗୀତ ଶିଖିବ ବୋଲି କହୁଛି।

ପ୍ରସାଦକୁ ଦେଖି ଗାୟତ୍ରୀ କାନ୍ଦି କରି କହିଲା ନନା ୩ ଟଙ୍କା ଦେଲ, ମା'କୁ ମାଗିଲେ ଦଉନି। ମୁଁ ସଙ୍ଗୀତ ସ୍କୁଲରେ ନାଁ ଲେଖାଇବି। ପ୍ରସାଦ କହିଲା ହଉ ମା' ମୁଁ ଖାଇଦିଏ । ତୋତେ ନେଇ ଯିବି ନାଁ ଲେଖାଇ ଦେବି।

ପ୍ରସାଦ ଜଳଖିଆ ଖାଇ ଝିଅକୁ ଧରିଗଲା । ଲୋକନାଥ ପଟ୍ଟନାୟକ ଗୋଟିଏ ସଂଗୀତ ସ୍କୁଲ କରିଥିଲେ, ସେଠାରେ ଯାଇ ପହଞ୍ଚିଲା।

ପଟ୍ଟନାୟକ ବାବୁ କହିଲେ "ସାର୍, କୁଆଡ଼େ ଆସିଲେ ?" ପ୍ରସାଦ କହିଲା – "ଝିଅ ଘରେ କାନ୍ଦି ଉଛନ୍ନ – ଆପଣଙ୍କ ସ୍କୁଲରେ ନାଁ ଲେଖିବ ସଂଗୀତ ଶିଖିବ। ସଂଗୀତ ସମ୍ମିଳନୀରେ ଗୀତ ଗାଇବ।" ଏକଥା ଶୁଣି ପଟ୍ଟନାୟକ ବାବୁ ଖୁସି ହୋଇ ଝିଅକୁ ଡାକିଲେ । "ତୁମ ନାଁ କ"ଣ ?" "ମୋ ନାଁ ଗାୟତ୍ରୀ ମିଶ୍ର।" ପଟ୍ଟନାୟକ ବାବୁ କହିଲେ "ଗୀତ ଶିଖି ଗାଇବ ?"

Source: Author, Digitized by PPRACHIN, SOA

ଗାୟତ୍ରୀ – "ହଁ ମୁଁ ଶିଖି ଗାଇବି।" ସବୁ ଛୁଆ ଡାକନ୍ତି ପଟ୍ଟନାୟକ ବାବୁଙ୍କୁ ଅଜା। ତାଙ୍କର ପିଲାପିଲି କିଛି ନାହିଁ ସେଥିପାଇଁ ସେ ନିଜେ ଗୋଟେ ସଂଗୀତ ସ୍କୁଲ କରି ଛୋଟ ଛୋଟ ପିଲାଙ୍କୁ ଗୀତ ଶିକ୍ଷାଦାନ ଦିଅନ୍ତି। ପ୍ରସାଦ ସଂଗୀତ ସ୍କୁଲରେ ନାଁ ଲେଖାଇ ଦେଲା।

ଗାୟତ୍ରୀ ସେଠାରେ ଗୀତ ଶିଖିଲା। ସେ ତା' ସାଙ୍ଗ ପିଲାମାନଙ୍କ ସାଙ୍ଗରେ ଯାଏ। ଦୁଇ ମାସ ପରେ ପୁରୀ କଲେଜ ହଲ୍‌ରେ ସଂଗୀତ କମ୍ପିଟେସନ୍ ହେଲା। ସେଥିରେ ଗାୟତ୍ରୀର ନାଁ ଦିଆ ହେଲା। କ,ଖ,ଗ ସବୁ ଶ୍ରେଣୀର ପିଲାମାନେ ଗାଇବେ।

ଗାୟତ୍ରୀକୁ ସେତେବେଳେ ୮ ବର୍ଷ ହୋଇଥାଏ। ପଟ୍ଟନାୟକ ବାବୁ ଗୋଟିଏ ଭଜନ ତାକୁ ଶିଖାଇ ଥାନ୍ତି। ସାନ ଝିଅ ନାଁ – ରୁନି। ସେ ମଧ୍ୟ ଗୀତ ଗାଏ।

ଗାୟତ୍ରୀ ସଙ୍ଗୀତ ସମ୍ମିଳନୀରେ ସେହି ଭଜନ ଗାଇ ଦ୍ୱିତୀୟ ହେଲା। କପ୍, ମାନପତ୍ର ପାଇଲା। ପ୍ରସାଦ ଝିଅ ଭଲ ନାଁ କରିବା ଦେଖି ତା' ପାଇଁ ହାରମୋନିୟମ୍, ତବଲା ସବୁ କିଣିଲା। ଲୋକନାଥ ରଥ ସଙ୍ଗୀତ ସ୍କୁଲରେ ଗୀତ ପିଲାଙ୍କୁ ଶିଖାନ୍ତି। ସେ ଘରକୁ ଆସି ଗାୟତ୍ରୀକୁ ଶିଖାଇଲେ। ତବଲା ମାଷ୍ଟର ମଧ୍ୟ ଆସିଲା। ସାନ ଝିଅ ମଧ୍ୟ ଗୀତ ଶିଖିଲା।

ତା' ଆରବର୍ଷ ଗାୟତ୍ରୀ କମ୍ପିଟେସନରେ ଭଜନ, ଓଡ଼ିଶୀ, ଛାନ୍ଦ, ଚମ୍ପୁ ସବୁ ଥିରେ ପ୍ରଥମ ହେଲା। ଛାନ୍ଦରେ କ,ଖ,ଗରେ ଚମ୍ପିଆନ୍ ହୋଇ ବଡ଼ କପ୍ ପାଇଲା। କଟକ ଗଲା। ସେଠାରେ ମଧ୍ୟ କମ୍ପିଟେସନ୍‌ରେ ପ୍ରଥମ ହୋଇ ବହୁତ କପ୍ ପାଇଲା।

ଏହିପରି ପ୍ରସାଦର ସଂସାରଟି ଦୁଃଖ ସୁଖରେ ଚାଲିଥାଏ। ପୁରୀରେ ବାର ମାସରେ ତେରପର୍ବ।

ଗାଁରୁ ବନ୍ଧୁବାନ୍ଧବ ସବୁ ପୁରୀ ଆସନ୍ତି ପ୍ରସାଦ ଘରକୁ। ଜ୍ୟେଷ୍ଠ ମାସରେ ସ୍ନାନ ପୂର୍ଣ୍ଣିମାରେ ଓ ଗୁଣ୍ଡିଚାରେ ପ୍ରସାଦ ଘରେ ଲୋକ ଗହଳି। ଏହିପରି ୬/୭ ବର୍ଷ ପରେ ପ୍ରସାଦ କଟକ ରେଭେନ୍ସା କଲେଜକୁ ଟ୍ରାନ୍ସଫର୍ ହେଲା। ପ୍ରସାଦ ପିଲାମାନଙ୍କୁ ନେଇ କଟକ ଆସିଲା। ଥୋରିଆ ସାହିରେ ଘରଭଡ଼ା ନେଇ ରହିଲା। ୨/୩ ମାସ ପରେ ପ୍ରସାଦକୁ କ୍ୱାଟର ମିଳିଲା।

Source: Author, Digitized by PPRACHIN, SOA

ସେ ଓ୍ୱେଷ୍ଟ ହଷ୍ଟେଲରେ ଆସିଷ୍ଟାଣ୍ଟ୍ ସୁପରିଣ୍ଟେଣ୍ଟ୍ ହୋଇ ଦାୟିତ୍ୱ ଗ୍ରହଣ କଲା। ପିଲାମାନେ ସେଠାରେ ପଢ଼ିଲେ। ପୁଅଟି ରାଣୀହାଟ ହାଇସ୍କୁଲରେ ପଢ଼ିଲା। ଝିଅ ମାଟ୍ରିକ ପାସ୍ କରି କଲେଜରେ ପଢ଼ିଲା।

ଦିଗମ୍ବର ମିଶ୍ରଙ୍କ ଦେହ ବହୁତ ଖରାପ ହେଲା। ସେ ଆସି ଝିଅ ପାଖରେ ରହିଲେ । କାଦମ୍ବିନୀଙ୍କ ମା' ମଧ୍ୟ ଥାଆନ୍ତି।

ବହୁତ ଚିକିତ୍ସା କରାଗଲା। କିନ୍ତୁ କିଛି ଦେହ ତାଙ୍କର ଭଲ ଆଡ଼କୁ ଗତି କଲାନି । ହଠାତ୍ ଦିନେ ଦିଗମ୍ବର ବାବୁ ଅଜ୍ଞାନ ହୋଇପଡ଼ିଲେ। ସାଲାଇନ୍ ଚାଲିଲା, କିଛି ହେଲାନି। ସେ ଚାଲିଗଲେ।

ଭଲରେ ଶୁଦ୍ଧିକ୍ରିୟା ସରିଲା ପରେ ଅନୁସୟା କେତେବେଳେ ପୁଅ ପାଖରେ ତ କେତେବେଳେ ଝିଅ ପାଖରେ କେତେବେଳେ ଗାଁରେ ରହନ୍ତି। ତାଙ୍କ ଜୀବନ ଚାଲିଥାଏ ପାଣି ଫୋଟକା ପରି।

କାର୍ତ୍ତିକ ମାସ ଦୀପାବଳୀ ଅମାବାସ୍ୟା ଆଗକୁ ପ୍ରସାଦର ବଡ଼ଭାଇଙ୍କ ଦେହ ଖରାପ ଥାଏ ସେ ଆସିଥାଆନ୍ତି। କାଦମ୍ବିନୀଙ୍କ ମା' ହବିଷ କରୁଥାନ୍ତି। ଦୀପାବଳୀ ଅମାବାସ୍ୟା ଦିନ ଡାକ ପିଅନ ଗୋଟାଏ ଟେଲିଗ୍ରାମ ଆଣି ଦେଇଗଲା। ପ୍ରସାଦର ଛୁଟିଥାଏ। ସେ କଲେଜକୁ ଯାଇ ନଥାଏ। ଟେଲିଗ୍ରାମ ଖୋଲି ପ୍ରସାଦ ଦେଖିଲା ତା'ର ବାପା ଲେଖିଛନ୍ତି ମା' ଦେହ ବହୁତ ଖରାପ ପିଲାଙ୍କୁ ନେଇ ଆସିବୁ। ପ୍ରସାଦ ପିଲାଙ୍କୁ ନ ନେଇ ବସନ୍ତପୁର ଗଲା। ବାଟରେ ସେ ମା' ପାଇଁ ଭୀତତ୍ରସ୍ତ ହୋଇପଡ଼ିଲା। ନାନା ଦୁଷ୍ଟିନ୍ତାରେ ଷ୍ଟେସନ୍‌ରେ ଓହ୍ଲାଇ ବସ୍‌ରେ ଉଠିଲା। ବସ୍ ଯଥା ସମୟରେ ଟାଉନ୍ ଷ୍ଟାଣ୍ଡରେ ପହଞ୍ଚିଲା। ଛୋଟ ସହରରୁ ବସନ୍ତପୁର ଦୁଇ ମାଇଲ୍। ସହରରୁ ବସନ୍ତ ପୁରଯାକେ ଗୋଟେ ଛୋଟ ରାସ୍ତା ଅଛି। ରାସ୍ତାର ଦୁଇପାଖରେ ଶ୍ୟାମଳ ଶ୍ରୀଧାରଣ କରିଛି।

ପ୍ରସାଦର ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଆଉ ଇଚ୍ଛା ହେଉନାହିଁ। ଏକ ଧ୍ୟାନରେ ଏକ ମନରେ ସେ ଚାଲିଛି ତା'ର ମା'କୁ ଦେଖିବାକୁ। ଯାଉ ଯାଉ ସେ କ୍ରନ୍ଦନରୋଳ ଶୁଣିଲା। ଗ୍ରାମର ନିକଟ ହବାରୁ ଆଉ କିଛି ଶୁଣି ପାରିଲା ନାହିଁ। ଘରେ ପହଞ୍ଚି ପ୍ରସାଦ ଆଗେ ମା' ଶୋଇଥିବା ଘରକୁ ଗଲା। ତା'କୁ ଦେଖି ହଠାତ୍ ଅଜ୍ଞାନ ହୋଇପଡ଼ିଲା। ପାଣି ଛଟାଛଟି କରିବାରୁ କିଛିକ୍ଷଣ ପରେ ପ୍ରସାଦର ଜ୍ଞାନ ଆସିଲା। ସେ ବାପାଙ୍କୁ ପଚାରିଲା

Source: Author, Digitized by PPRACHIN, SOA

ବାପା ବୋଉର ଅବସ୍ଥା ଏପରି ମୋତେ ଆଗରୁ ଜଣାଇଥିଲେ କଟକ ନେଇ ଆସିଥାଆନ୍ତି ।

ଜଗନ୍ନାଥ ବାବୁ କହିଲେ ଦୁଇଦିନ ଜରରେ ଏପରି ଅବସ୍ଥା ଖରାପ ହୋଇପଡ଼ିଛି । ଆଗରୁ କିଛି ନଥିଲା । ଡାକ୍ତର ଆସି ଦୈନିକ ଦେଖୁଛନ୍ତି । ପ୍ରସାଦ କିଛି ଜଳଖିଆ ଖାଇ ଖଣ୍ଡେ ସାଇକଲ୍ ଧରି ଡାକ୍ତର ବାବୁଙ୍କ ପାଖରେ ପହଞ୍ଚିଲା । ଆପଣ ମା'କୁ କିପରି ଦେଖୁଛନ୍ତି । ଡାକ୍ତରବାବୁ କହିଲେ, ଅବସ୍ଥା ବହୁତ ଖରାପ । ମୁଁ ଆପଣଙ୍କ ବାପାଙ୍କୁ ଦୁଇଦିନ ହେଲା କହୁଛି କଟକରୁ ଗୋଟେ ଦାମିକିଆ ଇଂଜେକ୍‌ସନ୍ ଆଣିବା ପାଇଁ । ସେ ପଇସା ନାହିଁ ବୋଲି ଆଣିପାରୁ ନାହାନ୍ତି । ବର୍ତ୍ତମାନ ଆଉ ଉପାୟ ନାହିଁ । ଦେଖିବା କ'ଣ ହେଉଛି ?

ପ୍ରସାଦ କହିଲା ଅର୍ଥ ଅଭାବରୁ ସ୍ତ୍ରୀକୁ ଅବହେଳା କଲି । ଅର୍ଥ ଅଭାବରୁ ମା'କୁ ହରାଇବି । ଡାକ୍ତରବାବୁ ଆଜି ଆପଣ କାହାକୁ ପଠାନ୍ତୁ ଇଂଜେକ୍‌ସନ୍ ଆଣିବାକୁ । ଯାହା ପଇସା ଖର୍ଚ୍ଚ ହେବ ଦେବି । ଡାକ୍ତରବାବୁ ହଉ କହି ଚାଲିଗଲେ । ପ୍ରସାଦ ନିଜେ ନଯାଇ ତା'ର ବଡ଼ ଭାଇକୁ ପଠାଇଲା ଡାକ୍ତର ପାଖକୁ । ଡାକ୍ତର ଇଂଜେକ୍‌ସନ୍ ଆଣି ପ୍ରସାଦ ପାଖରେ ପହଞ୍ଚିଲା ବେଳକୁ ରୋଗୀ ଶେଷ । ହଠାତ୍ ପ୍ରସାଦ ଗୃହରେ କ୍ରନ୍ଦନରୋଳ ପରିପୂର୍ଣ୍ଣ ହୋଇଗଲା । ଜଗନ୍ନାଥବାବୁ ସ୍ତ୍ରୀ ବିୟୋଗରେ ଅଧିର ହୋଇପଡୁଥାନ୍ତି । ପ୍ରସାଦ କାଠ ପିତୁଳା ପରି ମା' ପାଖରେ ବସିଛି । ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡୁଛି । ୧ ଘଣ୍ଟା ପରେ ଶବଦାହର ଆୟୋଜନ କରାଗଲା । ଶବଦାହ କରି ସମସ୍ତେ ଘରକୁ ଆସିଲେ । ପ୍ରସାଦ କଟକ ଯାଇ ପିଲାଙ୍କ ନେଇ ଗାଁକୁ ଆସିଲା । ଭଲରେ ଶୁଦ୍ଧି କାମ ସରିଲା ପରେ ପ୍ରସାଦ ପିଲାଙ୍କୁ ନେଇ ଚାଲିଆସିଲା କଟକ ।

ଜଗନ୍ନାଥ ବାବୁ ମଝିରେ ମଝିରେ ପୁଅ ପାଖକୁ ଆସନ୍ତି । ଘରର ପରିସ୍ଥିତି ନେଇ ସ୍ତ୍ରୀ ଚାଲିଗଲା ପରେ ସେ ବଡ଼ ବ୍ୟସ୍ତ ହୋଇପଡ଼ନ୍ତି । ଏକାନ୍ନ ପରିବାର । ଭାଇମାନେ ଆଗରୁ ଚାଲି ଯାଇଥିଲେ । ତାଙ୍କର ପିଲାମାନଙ୍କର ଦାୟିତ୍ୱର ଭାର ପ୍ରସାଦ ଉପରେ ପଡ଼ିଲା । ସେ ସମସ୍ତଙ୍କୁ ପାଠ ପଢ଼ାଇଲା ଓ ଭାଇ ପୁତୁରାମାନଙ୍କୁ ଚାକିରିରେ ଲଗାଇ ଦେଲା ।

Source: Author, Digitized by PPRACHIN, SOA

ପ୍ରସାଦ ଘରେ ଭାଇ ଭାଇଙ୍କ ଭିତରେ ଗାଁରେ ଅଶାନ୍ତି ସୃଷ୍ଟି ହେଲା। ଜଗନ୍ନାଥ ବାବୁ ସମସ୍ତଙ୍କୁ ଭିନ୍ନେ କରିଦେଲେ। ପରେ ସେ ଟିକେ ଶାନ୍ତିରେ ନିଶ୍ୱାସ ମାରିଲେ।

ପ୍ରସାଦ ଉଚ୍ଚ ଡିଗ୍ରୀ ପାଇଁ କଲିକତା ଗଲା। କାଦମ୍ବିନୀ ପିଲାଙ୍କୁ ଧରି ବଡ଼ କଷ୍ଟରେ ଚଳିଲେ ଦୁଇବର୍ଷ। ସେହି ଅବସ୍ଥାରେ ବଡ଼ ଝିଅର ବିଭାଘର ପ୍ରସ୍ତାବ ଆସିଲା। ଗାୟତ୍ରୀ ଦେଖିବାକୁ ବହୁତ ସୁନ୍ଦର। ଲେଖାଯୋଖାରେ କାଦମ୍ବିନୀଙ୍କର ପିଉସି ନାନୀ ପୁଅର ଭାଇ। ସେ ପିଲା ଇଂଜିନିଅର୍।

ଘରର ଅସୁବିଧା ନେଇ ସେ ଝିଅକୁ ବିଭା କରିବାକୁ ରାଜି ହେଉନଥାଏ। ପିଇସି ନାନୀର ଯା' ଆସି ବ୍ୟସ୍ତ କଲେ ବିଭା କରିଦେବାକୁ। ପିଇସି ପିଇସା ସାହାଯ୍ୟ କରିବାକୁ କହିଲେ। ବାଧ୍ୟ ହୋଇ କାଦମ୍ବିନୀ ସ୍ୱାମୀକୁ ସବୁକଥା ଲେଖି ଚିଠି ଦେଲା। ପ୍ରସାଦ ଚିଠି ପାଇ ୫/୬ ଦିନ ଯାଇ ଘରକୁ ଆସିଲା। ସେ ନିଜେ ଯାଇ ଜ୍ୱାଇଁ ଦେଖି ବସନ୍ତପୁର ଖବର ଦେଲା ବାପାଙ୍କୁ।

ପୁଅଠାରୁ ଖବର ପାଇ ଜଗନ୍ନାଥ ବାବୁ ଆସିଲେ କଟକ। ଜଗନ୍ନାଥବାବୁ କହିଲେ ଏତେ ଶ୍ରଦ୍ଧାରେ ସେମାନେ କହୁଛନ୍ତି ନାହିଁ କରନା କରିବାକୁ। ପିଲାତ ଯୋଗ୍ୟ। ସମସ୍ତଙ୍କ ସହଯୋଗରେ ପ୍ରସାଦ ୮/୧୦ ଦିନ ଛୁଟି ଆଣି ଗାୟତ୍ରୀକୁ ବିବାହ କରି ଦେଇ ଚାଲିଗଲା।

ଝିଅ ବାହା କରି ପ୍ରସାଦଗୁଡ଼ାଏ କରଜ କରିଥିଲା। କାଦମ୍ବିନୀ ପିଲାଙ୍କୁ ଧରି ବଡ଼ କଷ୍ଟରେ ଚଳିଲା। ଝିଅ ବାହାଘର ପାଇଁ ପ୍ରସାଦ ଯେଉଁଠୁ ଟଙ୍କା ଆଣିଥିଲା, ସେମାନେ ସେ ଟଙ୍କା ଦବା ଲାଗି ବ୍ୟସ୍ତ କଲେ।

କାଦମ୍ବିନୀ କିଛି ଉପାୟ ନପାଇ ସ୍ୱାମୀ ପାଖକୁ ଚିଠି ଲେଖିଲା। ପ୍ରସାଦ ସ୍ତ୍ରୀ ଚିଠି ପାଇ ଦୁଇ ତିନି ଦିନ ପାଇଁ ଘରକୁ ଆସିଲା। ଯେଉଁ ଚିଠି ଆସିଥିଲା ଟଙ୍କା ପାଇଁ କାଦମ୍ବିନୀ ସବୁ ଦେଖାଇଲା। ପ୍ରସାଦ କ'ଣ କରିବ ତା' ମୁଣ୍ଡରେ ଯେପରି ବଜ୍ର ପଡ଼ିଲା।

କାଦମ୍ବିନୀ ସ୍ୱାମୀଙ୍କର ଅବସ୍ଥା ଦେଖି ବିଚଳିତ ହୋଇପଡ଼ିଲା ଏବଂ କାଳେ ସ୍ୱାମୀଙ୍କର ଦେହ ଖରାପ ହେବ, ସେଥିପାଇଁ ବାପା ଦେଇଥିବା ସୁନା ବିକି ଦେଇ କରଜ ପରିଶୋଧ କରିବାକୁ ସ୍ୱାମୀକୁ କହିଲା।

Source: Author, Digitized by PPRACHIN, SOA

ପ୍ରସାଦ ଆଗ ଆଗ ରାଜି ହେଉନଥିଲା। କିନ୍ତୁ କିଛି ଉପାୟ ନ ଦେଖି ସେ ବାଧ୍ୟରେ ସୁନା ବିକି କରଜରୁ ମୁକ୍ତ ହେଲା।

ପ୍ରସାଦ ଦୁଇବର୍ଷ ଭିତରେ ଜଗନ୍ନାଥଙ୍କ ବିଷୟରେ ଯେଉଁ ପି.ଏଚ୍‌ଡି କରୁଥିଲା ସେଥିରେ ସେ କୃତିତ୍ୱ ସହିତ ପି.ଏଚ୍‌ଡି ପାଇ ଗାଁକୁ ଫେରିଲା।

ସେ ବହି ସାରା ଭାରତ ବର୍ଷରେ ତଥା ଆମେରିକା ଏବଂ ଲଣ୍ଡନରେ ଉଚ୍ଚ ପ୍ରଶଂସିତ ହେଲା।

ପ୍ରସାଦ କଟକରେ ୧୦/୧୧ବର୍ଷ ରହିଲା। ପୁଅ ଇଞ୍ଜିନିଅର୍ ହୋଇ ବିଦେଶରେ ଥାଏ। ଦ୍ୱିତୀୟ ଝିଅକୁ ଡାକ୍ତର ଜ୍ୱାଇଁ ଦେଖି ବିବାହ ଦେଲା। ସେ ଜ୍ୱାଇଁ ଦିଲ୍ଲୀରେ ଥାଆନ୍ତି। ଏହିପରି ପ୍ରସାଦର ଜୀବନ ଗଡ଼ି ଚାଲିଥାଏ।

ପ୍ରସାଦ ପିଏଚ୍‌ଡି କରି ସାରିଲା ପରେ ସେ ପ୍ରଫେସର ହବା କଥା। କିନ୍ତୁ ତାକୁ କରାଇ ଦେଲେ ନାହିଁ। ତାକୁ ଭୁବନେଶ୍ୱର ବିଜେବି କଲେଜକୁ ହେଡ୍ ଅଫ୍ ଡିପାର୍ଟମେଣ୍ଟ କରି ଟ୍ରାନ୍ସଫର କଲେ।

ପ୍ରସାଦ ପିଲାଙ୍କୁ ଧରି ଭୁବନେଶ୍ୱର ଆସିଲା ୩ ନମ୍ବରରେ ତାକୁ କ୍ୱାଟର ମିଳିଲା। କିଛିଦିନ ପରେ ବଡ଼ ପୁଅ ସାନ୍ତନୁର ବିବାହ ହେଲା। ପୁଅ ବୋହୂକୁ ନେଇ ବିଦେଶ ଚାଲିଗଲା ବର୍ତ୍ତମାନ ସମସ୍ତେ ଏକୁଟିଆ ରହିଲେ।

କାଦମ୍ବିନୀର ମଝିରେ ମଝିରେ ଦେହ ଭଲ ରହୁନଥାଏ। ସେଥିପାଇଁ ପ୍ରସାଦ ଭୁବନେଶ୍ୱରରେ ଗୋଟିଏ ଜାଗା କିଣି ଘର କରିବ ବୋଲି ମନସ୍ଥ କଲା। ଜଣେ ବଙ୍ଗାଳି ପ୍ରସାଦର ଜଣାଶୁଣା। ସେ ପ୍ରସାଦକୁ ତା'ର ଗୋଟିଏ ଜାଗା ଥିଲା - ଟ୩୦୦୦ଙ୍କାରେ ଦେଇ ଦେଲା। ସେ ଜାଗା ଲିଙ୍ଗରାଜ ମନ୍ଦିର ପାଖରେ। ସରକାରଠାରୁ କିଛି ଲୋନ୍ ଆଣି ସେଠାରେ ପ୍ରସାଦ ଘର ଆରମ୍ଭ କଲା।

କାଦମ୍ବିନୀ ଘରକାମ ସାରି ସ୍ୱାମୀଙ୍କ ସାଙ୍ଗରେ ଆସନ୍ତି ଜାଗା ପାଖକୁ। ପ୍ରସାଦ କଲେଜରୁ ଘରକୁ ଫେରିଲା ବେଳକୁ ସାଙ୍ଗ ହୋଇ

Source: Author, Digitized by PPRACHIN, SOA

ଫେରନ୍ତି। ପ୍ରସାଦ ଘର ଆରମ୍ଭ କଲାବେଳେ ବାପାଙ୍କୁ ଡାକି ଶୁଭ ଦେଇଥିଲା। ଏହି ପରି ଭାବରେ କୌଣସି ପ୍ରକାର ଘରଟି ଅଧା ହୋଇ ପଇସା ଅଭାବରୁ ବନ୍ଦ ହୋଇ ରହିଲା। କିଛିଦିନ ପରେ ବ୍ୟାଙ୍କରୁ ଲୋନ୍ ଆଣି ଘରଟି ସମାପ୍ତ କରି ଭଡ଼ା ଲଗାଇ ବ୍ୟାଙ୍କ ଲୋନ୍ ଶୁଝିଲା।

ଗୋଟିଏ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପୋଷ୍ଟ ବାହାରିଲା। ପ୍ରସାଦ ଆପ୍ଲାଇ କଲା। ବହୁତ ଅଧ୍ୟାପକମାନେ ମଧ୍ୟ ଆପ୍ଲାଇ କରିଥାନ୍ତି।

ପ୍ରସାଦକୁ ଇଣ୍ଟରଭିଉ ପାଇଁ ଚିଠି ଆସିଲା। ସେ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରି ଗଲା। ଜଗନ୍ନାଥଙ୍କ କୃପାରୁ ସେ ଇଣ୍ଟରଭିଉରେ ଫାଷ୍ଟ ହୋଇ ପ୍ରଫେସର ପାଇଁ ସିଲେକ୍ଟ ହେଲା।

ପ୍ରସାଦର ମନ ଆନନ୍ଦରେ ଭରି ଉଠିଲା। ସେ ବିଶ୍ୱବିଦ୍ୟାଳୟ ଯାଇ ଜଏନ୍ କଲା। ପ୍ରସାଦ ଜଣେ ଡାକ୍ତରଙ୍କ ଘରେ କିଛି ଦିନ ରହି ଭଡ଼ା ଘର ଠିକ୍ କରି ପିଲାଙ୍କୁ ଆଣିଲା।

ବରମପୁର କଲେଜରେ ଛାତ୍ରମାନେ ପ୍ରସାଦର ପାଠପଢ଼ାରେ ସମସ୍ତେ ସନ୍ତୁଷ୍ଟ ହୋଇ ପଡ଼ିଲେ । ଛାତ୍ରମାନେ ନ ବୁଝି ପାରିଲେ ତାକୁ ବୁଝାଇ ଦିଏ। ଆସ୍ତେ ଆସ୍ତେ ସେଠାରେ ତା'ର ଭଲ ପ୍ରଫେସର ବୋଲି ନାଁ ହୋଇଗଲା।

ପ୍ରସାଦ ଅଣ୍ଡରରେ ବହୁତ ଛାତ୍ରଛାତ୍ରୀ ପି.ଏଚ୍‌ଡି ଏବଂ ରିସର୍ଚ୍ଚ କରି କୃତିତ୍ୱର ସହିତ ପାସ୍ କଲେ। ପ୍ରସାଦ ଦୁଇ ତିନି ବର୍ଷ ରହିଲା ପରେ ବଡ଼ କ୍ୱାଟର ପାଇବାରୁ କ୍ୱାଟରକୁ ପଳାଇ ଆସିଲା।

ପ୍ରସାଦର ମନଦୁଃଖ ହୁଏ ତା' ପାଇଁ ସେ ମନେ ମନେ ଭାବେ। ଆଜି ସେ ପ୍ରଫେସର ହେଲା ମା' ଥିଲେ କେତେ ଖୁସି ହେଉଥାନ୍ତା ସେ କଥା ଭାବି ତା' ଆଖିରୁ ଲୁହ ଗଡ଼ିପଡ଼େ। ପଛ କଥା ମନେ ପଡ଼ିଯାଏ ତା'ର ସବୁକିଛି।

ପ୍ରସାଦକୁ ହଠାତ୍ ଖବର ଆସିଲା ବସନ୍ତପୁରରୁ ବାପାଙ୍କ ଦେହ ଖରାପ, ଯିବା ପାଇଁ। ପ୍ରସାଦ କାଦମ୍ବିନୀ ଟ୍ୟାକ୍ସି କରି ଜଗନ୍ନାଥ ବାବୁଙ୍କୁ

Source: Author, Digitized by PPRACHIN, SOA

ବରମପୁର ନେଇ ଆସିଲେ। ସେଠାରେ ପ୍ରସାଦ ଡାକ୍ତର ଦେଖା ଦେଖି କରି ବାପାଙ୍କୁ ଭଲ କଲା। ଜଗନ୍ନାଥ ବାବୁ ପୁଅ ପାଖରେ ଦୁଇ ମାସ ରହିବାରୁ ପୂରା ଭଲ ହୋଇଗଲେ।

ପ୍ରସାଦ ଯେତେ କହିଲା ଆଉ ଦୁଇ ତିନିମାସ ରହିବାକୁ ଜଗନ୍ନାଥବାବୁଙ୍କୁ ସେ ରାଜିହେଲେ ନାହିଁ । ଘରକୁ ଯିବାକୁ ବ୍ୟସ୍ତ ହେଲେ। ପ୍ରସାଦ ଗାଁରେ ବାପାଙ୍କୁ ଛାଡ଼ି ଦେଇ ଆସିଲା।

ଜଗନ୍ନାଥ ବାବୁଙ୍କର ଗୋଟିଏ ବୋଲି ଝିଅ ସେ ଗାଁ ପାଖରେ ବିଭା ହୋଇଥାଏ। ଜ୍ୱାଇଁ ଥିଲେ ଏମ୍.ଏଲ୍.ଏ। ଝିଅର ପୁଅମାନେ ସବୁ ଯୋଗ୍ୟ। ତ୍ରିପାଠୀ ଘର ବୋଲି ଡାକ୍।

ବାପାଙ୍କ ଦେହ ଖରାପ - ଭଲ ନ ରହିବା ଦେଖି ଝିଅ ଆସି ନେଇ ଯାଇଥିଲା ତାଙ୍କ ଘରକୁ। କିନ୍ତୁ ସେଠାରେ ଦେହ ବହୁତ ଖରାପ ହେଲାରୁ ଝିଅ ଜ୍ୱାଇଁ ଆଣି ଘରେ ଛାଡ଼ି ଦେଇଗଲେ।

୧୦/୧୫ ଦିନ ପରେ ଅତିଶୟ ଦେହ ଖରାପ ହେବାରୁ ପ୍ରସାଦକୁ ତା'ର ବଡ଼ ଭାଇ ଖବର ଦେଲେ। ସେ ଶୁଣି କରି ବସନ୍ତପୁର ଗଲା। ସେଠାରେ ପହଞ୍ଚିଲା ବେଳକୁ ଜଗନ୍ନାଥବାବୁ ସଂସାରରୁ ଚାଲିଯାଇଥିଲେ। ତାଙ୍କ ଶବସତ୍କାର କରିବାକୁ ଶ୍ମଶାନକୁ ନେଇ ଯାଇଥିଲେ ପ୍ରସାଦକୁ ଅପେକ୍ଷା ନ କରି।

ପ୍ରସାଦ ଏସବୁ ଦେଖି ବିରକ୍ତ ହୋଇ ଉଠିଲା। ମୋ ପାଇଁ ଟିକିଏ ଅପେକ୍ଷା ନକରି ମୋ ବାପାଙ୍କୁ ସତ୍କାର କରିଦେଲ। ମୋର ମୁଣ୍ଡ ଯେପରି ଘୁରି ଯାଉଛି । ସେ ଘରକୁ ଆସି ମୁଣ୍ଡରେ ହାତ ଦେଇ ବସିପଡ଼ିଲା ଦୁଃଖରେ। ସତେ ଯେମିତି ତା'ର ସବୁ କିଛି ଚାଲିଗଲା । ସେ ପିଲାଙ୍କ ପରି କାନ୍ଦି ଉଠିଲା। ପ୍ରସାଦକୁ ଘରେ ସବୁ ବୁଝାବୁଝି କରି ଶୁଦ୍ଧି କାର୍ଯ୍ୟ କିପରି ବ୍ୟବସ୍ଥା କରିବାକୁ କହିଲେ। ପ୍ରସାଦ ବରମପୁର ଯାଇ ପିଲାମାନଙ୍କୁ ଧରି ବସନ୍ତପୁର ଆସିଲା। ଭଲରେ ଶୁଦ୍ଧି କାମ ସମାପ୍ତ କରି ପିଲାଙ୍କୁ ଧରି ଫେରିଗଲା।

ପ୍ରସାଦର ଅତୀତ କଥା ମନେ ପଡ଼ିଗଲା। ଯେତେ ଦୁଃଖ ହେଲେବି ବାପା ତାକୁ ଧୈର୍ଯ୍ୟ ଧରିବାକୁ କହନ୍ତି।। ଅର୍ଥ ନଥିଲେ ବି

Source: Author, Digitized by PPRACHIN, SOA

ଭାଇମାନେ ଚାଲିଗଲା ପରେ ଏତେବଡ଼ କୁଟୁମ୍ବକୁ ଆନନ୍ଦରେ ଚଳାନ୍ତି ପ୍ରସାଦ ଉପରେ ଭରସା କରି।

ଜଗନ୍ନାଥ ବାବୁଙ୍କର ବଡ଼ ପୁଅ ଓ ସାନପୁଅ କିଛି ରୋଜଗାର କରନ୍ତି ନାହିଁ। ସେମାନଙ୍କ ପିଲାଙ୍କୁ ଜଗନ୍ନାଥ ବାବୁ ନିଜେ ଚଳାନ୍ତି। ନାତୁଣୀମାନଙ୍କୁ ବାହା କଲେ ପ୍ରସାଦର ସାହାଯ୍ୟରେ।

କିନ୍ତୁ ଜଗନ୍ନାଥ ବାବୁ ଚାଲିଗଲା ପରେ ପ୍ରସାଦ ଉପରେ ସବୁ ଦାୟିତ୍ୱ ପଡ଼ିଲା। ମଝିରେ ମଝିରେ ପ୍ରସାଦ ଟଙ୍କା ପଠାଏ ଭାଇମାନଙ୍କୁ। କିଛି ଅସୁବିଧା ହେଲେ ଘରେ ସେମାନେ ପ୍ରସାଦ ପାଖକୁ ଆସନ୍ତି।

ପ୍ରସାଦ ଭାଇ ପୁତୁରା ମାନଙ୍କୁ ପଢ଼ାଇ ଚାକିରିରେ ଲଗାଇ ଦେଲା। କିଛିଦିନ ପରେ ପ୍ରସାଦର ବଡ଼ଭାଇ ରଘୁନାଥ ହଠାତ୍ ହାର୍ଟ ଆଟାକ୍‌ରେ ଚାଲିଗଲେ। ବସନ୍ତପୁର ଯାଇ ସବୁକାମ ସାରି ସେ ଫେରିଲା।

ବରମପୁରରେ ୭/୮ ବର୍ଷ ରହିବା ପରେ ପ୍ରସାଦ ରିଟାୟାର୍ଡ କରି ଭୁବନେଶ୍ୱର ଆସିଲା ନିଜ ଘରକୁ।

ନିଜ ଘରକୁ ଆସି ପ୍ରସାଦ କାଦମ୍ବିନୀ ଟିକେ ଶାନ୍ତିରେ ନିଶ୍ୱାସ ମାରିଲେ। ନିଜ ପିଲାଙ୍କ ଦାୟିତ୍ୱ, ଗାଁର ଦାୟିତ୍ୱ ସବୁ ବୁଝିବାକୁ ପଡ଼ିଲା।

ଅବସର ନେବା ପରେ ପ୍ରସାଦ ଗୋଟେ ନିଜର ଅଫିସ କଲେ। ବହି ପତ୍ର ଲେଖା ଲେଖି, ମିଟିଂ ଏହିଥିରେ ସର୍ବଦା ବ୍ୟସ୍ତ ଥାଆନ୍ତି। କର୍ମ ଚଞ୍ଚଳ ଲୋକ । ବସିବାକୁ ପ୍ରସାଦଙ୍କୁ ଭଲ ଲାଗେନି।

ଦୁଇ ଝିଅ ବାହା ହୋଇଗଲେ। ପୁଅ ବୋହୁ ବିଦେଶରେ। ଘରେ ଏକା ପ୍ରସାଦ ଓ କାଦମ୍ବିନୀ।

ପ୍ରସାଦର କକେଇ ପୁଅ ଭାଇମାନେ ଥାଆନ୍ତି। ମଝିରେ ମଝିରେ ଆସନ୍ତି।

କାଦମ୍ବିନୀଙ୍କ ଦେହ ଖରାପ ହେଉଥାଏ ସବୁବେଳେ । ବାପ ମା' ଚାଲିଗଲେ। ଶାଶୁ ଶ୍ୱଶୁର ଚାଲିଗଲେ, ସ୍ୱାମୀ ରିଟାଏଡ୍ କଲେ। ଘର ଭିତରଟା ଖାଲି ଏକା ଏକା ଲାଗିଲା କାଦମ୍ବିନୀକୁ।

Source: Author, Digitized by PPRACHIN, SOA

କାଦମ୍ବିନୀ ସବୁ କାମ ହାତରେ କରନ୍ତି। ବସିବାକୁ ଭଲ ପାଆନ୍ତି ନାହିଁ। କାଦମ୍ବିନୀଙ୍କ ବାପା ଗଲାପରେ ସେ ଭାଙ୍ଗି ପଡ଼ିଲେ। ବୟସ ମଧ୍ୟ ୬୦ ଉପରେ ହେଲାଣି । ବହୁତ ପରିଶ୍ରମ କଲାରୁ ଦେହ ଖରାପ ହେଲା। ଦିନକୁ ଦିନ ଶୁଖି ଶୁଖି ଗଲେ। ଚାକର ଥିଲେ ମଧ୍ୟ ସେ ରନ୍ଧାରନ୍ଧି କରନ୍ତି। କାଦମ୍ବିନୀଙ୍କର ପିଲାବେଳଠାରୁ ପେଟରୋଗ ମଝିରେ ମଝିରେ ବାହାରିଲେ ଆଠ ଦଶଦିନ ଘରୁ ଉଠି ପାରନ୍ତିନି। କୌଣସି ଜିନିଷ ଖାଇ ପାରନ୍ତି ନାହିଁ। ଏହିପରି ଜୀବନଟା ଚାଲିଥାଏ।

ସେଥି ପାଇଁ ପ୍ରସାଦ ଭୁବନେଶ୍ୱରରେ କାଳେ ଜଳବାୟୁ ପରିବର୍ତ୍ତନ ହେଲେ ସ୍ତ୍ରୀ ଟିକେ ଭଲ ରହିବ ସେଥିପାଇଁ ଭୁବନେଶ୍ୱରରେ ଘର କଲା।

କାଦମ୍ବିନୀ ପ୍ରସାଦକୁ ଦେଖି ବ୍ୟସ୍ତ ହୋଇ ପଡ଼ନ୍ତି। ସେ ମନକୁ ମନ ଭାବେ ମୁଁ ଯଦି ଚାଲିଯିବି, ସେ କିପରି ଚଳିବେ ? କି ପୁଅ କି ଝିଅ। କିଏ କାହାର। ଦୁନିଆ ସ୍ୱାର୍ଥପର। ମୋ ଆଖି ଆଗରେ ଦେଖିଲି ଜୀବନରେ ପରିବାରଙ୍କ ପାଇଁ ବାପ ମା'ଙ୍କ ପାଇଁ ମୋ ପାଇଁ ଅର୍ଥ ଅଭାବରୁ କେତେ କଷ୍ଟ ପାଇଲେ। ପ୍ରଭୁ ମୁଁ ତାଙ୍କରି ଆଗରେ ଚାଲିଯିବି। ସିଏ ସହିବେ ତ ? ଏତକ ଭାବନାରେ ତା ଆଖିରେ ଲୁହ ଚାଲିଆସିଲା।

ପ୍ରସାଦ ପାଖରେ ବସିଥାଏ। କାଦମ୍ବିନୀ କାନ୍ଦିବା ଦେଖି ସେ ବ୍ୟସ୍ତ ହୋଇପଡ଼ି କହିଲା, କାହିଁକି କାନ୍ଦୁଛ କାଦମ୍ବିନୀ ମୋ କଥା ଭାବି ? ତୁମେ ଭଲ ହୋଇଯିବ ତୁମ ଛଡ଼ା ମୋର ଆଉ କିଏ ଅଛି କୁହ ? ତୁମେ ଚାଲିଗଲେ ମୁଁ ବଞ୍ଚିପାରିବି ? ତୁମ ପରି ମୋ କଥା କିଏ ବୁଝିବ ଏତକ କହି କାଦମ୍ବିନୀର ମୁଣ୍ଡ ଆଉଁସି ଦେଲା। ପ୍ରସାଦ ସ୍ତ୍ରୀକୁ ଟିକେ ଗେଲ କଲା। କାଦମ୍ବିନୀ କାଠ ପରି ସ୍ୱାମୀକୁ ଚାହିଁଥାଏ। ଆସ୍ତେ ଆସ୍ତେ ଦେହ ବେଶୀ ଖରାପ ହେବାରୁ ଡାକ୍ତର କହିଲେ ହସ୍‌ପିଟାଲ୍‌ରେ ରଖିବାକୁ।

ପ୍ରସାଦ କାଦମ୍ବିନୀକୁ ହସ୍‌ପିଟାଲ୍‌ରେ ରଖିଲା। ସାଙ୍ଗେ ସାଙ୍ଗେ ସବୁ ପରୀକ୍ଷା ହେଲା। ଡାକ୍ତର କହିଲେ ଅବସ୍ଥା ବହୁତ ଖରାପ। ଆଇ.ସି.ୟୁରେ କାଦମ୍ବିନୀ ରହିଲେ। ସାଲାଇନ୍ ଚାଲିଲା।

ପ୍ରସାଦ ଖବର ଦେଲା ଝିଅ ପୁଅଙ୍କୁ । ସମସ୍ତେ ଶୁଣି ଆସିଲେ। କାଦମ୍ବିନୀଙ୍କ ଭାଇମାନେ ଭୁବନେଶ୍ୱରରେ ଥାଆନ୍ତି। ସେମାନେ ଶୁଣି ଡାକ୍ତରଖାନାରେ ଆସି ପହଞ୍ଚିଲେ। ଜଣକ ବଦଳେ ଜଣେ ରହୁଥାନ୍ତି।

Source: Author, Digitized by PPRACHIN, SOA

ପ୍ରସାଦର ଭାଇମାନେ ରାତିରେ ଆସି ଜଗନ୍ତି। ପ୍ରସାଦ ରାତିରେ ରହେ ସ୍ତ୍ରୀ ପାଖରେ।

କାଦମ୍ବିନୀ ରହିଲେ ଆଇ.ସି.ୟୁରେ ଆଠ ଦଶଦିନ ଟିକେ ଭଲ ଲାଗିବାରୁ ରୁମ୍‌କୁ ଆଣିଲେ।

ଆସ୍ତେ ଆସ୍ତେ ଟିକେ କାଦମ୍ବିନୀ ଖିଆପିଆ କଲାରୁ ସେ ଆଉ ହସ୍‌ପିଟାଲରେ ରହିବାକୁ ଚାହିଁଲାନି। ଘରକୁ ଯିବାକୁ ବ୍ୟସ୍ତ ହେଲା। ଡାକ୍ତରମାନେ କହିଲେ ଟିକେତ ଭଲ ହେଲେଣି ଘରକୁ ନେଇଯାଆନ୍ତୁ।

ପ୍ରସାଦ ଔଷଧ ପତ୍ର କଥା ଡାକ୍ତରଙ୍କୁ ପଚାରି କାଦମ୍ବିନୀଙ୍କୁ ଘରକୁ ନେଇ ଆସିଲେ। ଆସ୍ତେ ଆସ୍ତେ କାଦମ୍ବିନୀ ଭଲ ହୋଇଗଲେ। ଘରେ କାଦମ୍ବିନୀ ରହିଲେ ଔଷଧ ପତ୍ର, ଖିଆପିଆ ବୋହୁ ଝିଅମାନେ କରନ୍ତି। ରାତିରେ ପ୍ରସାଦ ଜଗି ରହେ।

ଏହିପରି ଚାଲିଥାଏ ସବୁଦିନେ । ବଡ଼ପୁଅ ଟ୍ରାନ୍ସଫର ହୋଇଗଲା ଭାଇଜାଗ୍। ନଣନ୍ଦ ଆସି ଦୁଇ ଦିନ ରହିଗଲେ।

କାଦମ୍ବିନୀଙ୍କର ଅତୀତ କଥା କେତେ ମନେପଡୁଛି। ଦିଅର, ଭଣଜାମାନଙ୍କୁ ପାଖରେ ରଖି ପାଠ ପଢ଼ାଉଛନ୍ତି, ବାହା ସାହା କରିଛନ୍ତି। ଅସୁବିଧା ସୁବିଧା ବୁଝୁଛନ୍ତି। ଏ ଭିତରେ ସାନ ଝିଅ ରୁନିର ବିବାହ ହୋଇଗଲା। ଯୋଇଁ ଡାକ୍ତର।

ଦିନେ କାଦମ୍ବିନୀ ପ୍ରସାଦ ପୋର୍ଟିକୋରେ ବସିଛନ୍ତି। କାଦମ୍ବିନୀଙ୍କ ଦିଅର, ଯାଆ ମନୋରମା ଯାଇ ପହଞ୍ଚିଲେ। କାଦମ୍ବିନୀ ମନୋରମା ଦେହରେ ଗହଣା ନଥିବାରୁ ସେ ପଚାରିଲେ କିଲୋ ମନୋରମା ତୋ ଗହଣା କୁଆଡ଼େ ଗଲା।

ମନୋରମା – ନାନୀ ବିକି ଦେଲି ଘରକାମ ପାଇଁ।

କାଦମ୍ବିନୀ ବ୍ୟସ୍ତ ହୋଇ କହିଲେ ମୋତେ କହିଲୁନି ସୁନା ବିକି ଦେଲୁ। ସୁନା ଯାହା ମହରଗ ତୁ ଆଉ କରି ପାରିବୁ? ମନୋରମା କହିଲା କ'ଣ କରିବି ନାନୀ ଅସୁବିଧା ପଡ଼ିଲା। ଘର ଭଡ଼ା ବାଲା କହିଲା ଘର ଛାଡ଼ି ଦେବାକୁ। ସୁନା ବିକ୍ରି କରି ଟଙ୍କା ଆଣିଲେ ମଧ କାମ ସରିବ ନାହିଁ।

କାଦମ୍ବିନୀ ଦିଅରକୁ ଡାକି ପଚାରିଲେ କେତେ ଟଙ୍କା ଦରକାର। ସେ କହିଲେ ୧୦୦୦ ଟଙ୍କା ଦରକାର।

Source: Author, Digitized by PPRACHIN, SOA

କାଦମ୍ବିନୀ ସ୍ୱାମୀଙ୍କୁ କହି ୧୦୦୦ ଟଙ୍କା ଦିଅରକୁ ଦେଇ କହିଲେ, ଶୁଝିବା ଚିନ୍ତା କରିବ ନାହିଁ। ଘର କାମ ସାରି ଘରେ ରୁହ ତା'ପରେ ସେ ସବୁ ପଛକଥା। ସେଥିପାଇଁ ଦିଅର ମାନେ ପୁତୁରା ଭଣଜା କାଦମ୍ବିନୀକୁ ଭଲ ପାଆନ୍ତି। କାଦମ୍ବିନୀ କାହାର ଅସୁବିଧା ସହିପାରନ୍ତି ନାହିଁ। ଗରିବ ଗୁରୁବା ରିକ୍ସାବାଲା ଯେତେବେଳେ ଯାହାର ଟଙ୍କା ପଇସା ଦରକାର ହେଲେ ମାଗନ୍ତି ସେ ସମସ୍ତଙ୍କୁ ସାହାଯ୍ୟ କରନ୍ତି।

ସ୍ୱାମୀ ସ୍ତ୍ରୀ ଦୁଇଜଣ ଯାକ ସାହାଯ୍ୟ କରିବାକୁ ଚାହିଁ ବସିଥାନ୍ତି। ପ୍ରସାଦ କେତେ ଗରିବ ପିଲାଙ୍କୁ ଏବଂ ଅସହାୟ ପିଲାଙ୍କୁ ନିଜ ଘରେ ରଖିଛନ୍ତି। କାଦମ୍ବିନୀ ପୁଅ ପରି ସେମାନଙ୍କୁ ଖାଇବାକୁ ପିନ୍ଧିବାକୁ ଦେଇଛନ୍ତି। ତାଙ୍କର ଯତ୍ନ ନେଇଛନ୍ତି। ଜଗନ୍ନାଥଙ୍କ କୃପାରୁ ସେ ପିଲାମାନେ ବଡ଼ ବଡ଼ ଡାକ୍ତର ଉଚ୍ଚ ଶିକ୍ଷିତ ହୋଇଛନ୍ତି। ସେମାନେ ମଧ୍ୟ ପ୍ରସାଦକୁ କାଦମ୍ବିନୀକୁ ମା' ପରି ସ୍ନେହ ଶ୍ରଦ୍ଧା କରନ୍ତି।

କାଦମ୍ବିନୀ ଥରେ ସ୍ୱାମୀଙ୍କୁ ପଚାରିଲେ, "ମୋର ଭାରି ଇଚ୍ଛା ଗପ ଲେଖିବାକୁ। ମୁଁ ଲେଖିବି ତୁମେ ଦେଖିବ।" ପ୍ରସାଦ ହସି ହସି କହିଲେ "ନିଜର ଅଧେ ସମୟ ଦେହ ଖରାପ ଏଣେ ଘରର ଜଞ୍ଜାଳ ସେଥିରେ କ'ଣ ଗପ ଲେଖିବ ମୁଁ ବୁଝି ପାରୁନି ?"

କାଦମ୍ବିନୀ କହିଲେ, ସମସ୍ତେ ତ ଏଗାରଟା ବେଳକୁ କଲେଜ ଯିବେ। ମୁଁ ଘରେ ବସି କ'ଣ କରିବି ? ମୁଁ ଲେଖେ ତୁମେ ଦେଖ। ମନକୁ ନ ଗଲେ ଲେଖିବିନି। କାଦମ୍ବିନୀଙ୍କର ପ୍ରଥମ ଗପ ସଉରି ନାନୀ, ଦ୍ୱିତୀୟ ଗପ ଜୀବନ ସ୍ମୃତି। ଜମିଦାର ଘର ପରମ୍ପରା କାହାଣୀ। ଏହିପରି ୨୦/ ୩୦ ଗପ ଲେଖିଥିଲେ।

ପ୍ରସାଦ ବହୁତ ସାହାଯ୍ୟ କରନ୍ତି ସେଥିରେ। କିନ୍ତୁ ଛପାଇବାର ସୁବିଧା ନଥାଏ। ଭୁବନେଶ୍ୱର ଆସିଲା ପରେ କାଦମ୍ବିନୀ ନିଜ ବାପଘରର ପରମ୍ପରା କାହାଣୀ ଛପାଇ ବାପ ଘରର ଇଷ୍ଟଦେବ ଲକ୍ଷ୍ମୀ ନୃସିଂହଙ୍କ ପାଖରେ ଭାଇମାନଙ୍କ ସାହାଯ୍ୟରେ ଦୋଳ ପୂର୍ଣ୍ଣିମାରେ ବହି ଉନ୍ମୋଚନ କଲା। ଏଥିରେ ପିଉସି ପୁଅ ଭାଇ ନିଜ ପ୍ରେସରେ ଛପାଇ ବହୁତ ସାହାଯ୍ୟ କରିବାର ବର୍ଷକ ପରେ ସେ ଚାଲିଗଲା।

Source: Author, Digitized by PPRACHIN, SOA

କାଦମ୍ବିନୀକୁ ସେ ଭାଇ କହିଥିଲା ସବୁ ଗପ ବହି ସେ ଛପାଇ ଦବ। ସେ ଭାଇ ଗଲା ପରେ କାଦମ୍ବିନୀର ବହି ଛପାଇବା ଆଶା ମଉଳି ଗଲା।

ଦୁଇ ଚାରିବର୍ଷ ପରେ ଲକ୍ଷ୍ମୀ ନୃସିଂହଙ୍କର କବିତା ଲେଖି କାଦମ୍ବିନୀ ପୁଣି ତାଙ୍କ ବାପଘରର ଇଷ୍ଟ ଦେବଙ୍କ ପାଖରେ ଉନ୍ମୋଚନ କଲେ।

କାଦମ୍ବିନୀ ଯେତେବେଳେ ପ୍ରଥମେ ତାଙ୍କ ନିଜ ଘରେ ରହିଲେ, ସେତେବେଳେ ତାଙ୍କ ପାଚିରୀକୁ ଲାଗି ତ୍ରିନାଥ ମହାପ୍ରଭୁ ଥିଲେ। ତା'ପରେ ପରେ ସେଠି ମହାବୀର ମହାଦେବ ଜଗନ୍ନାଥ ସବୁ ରହିଲେ।

କାଦମ୍ବିନୀ ପ୍ରତ୍ୟେକ ଦିନ ଗାଧୋଇ ହନୁମାନ ଚାଳିଶା, ବିଷ୍ଣୁ ସହସ୍ର ନାମ ପଢ଼ନ୍ତି। ସବୁ ସୋମବାର ଲିଙ୍ଗରାଜ ମନ୍ଦିର ଯାଆନ୍ତି। ନିତିଦିନିଆ କାମ ଚାଲିଥାଏ। କାଦମ୍ବିନୀଙ୍କର ସଂକ୍ରାନ୍ତି ଦିନ ତ୍ରିନାଥଙ୍କର କବିତା ଲେଖି ସେ ଉନ୍ମୋଚନ କଲେ।

କାଦମ୍ବିନୀଙ୍କର ନିଜର ଭଉଣୀ ନାହାଁନ୍ତି। ବିଶ୍ୱବିଦ୍ୟାଳୟରେ ଥିଲାବେଳେ ମହାପାତ୍ର ବାବୁ ପ୍ରଫେସର ଥିଲେ। ତାଙ୍କ ସ୍ତ୍ରୀ ମିସେସ୍ ମହାପାତ୍ର ବହୁତ ସାହାଯ୍ୟକାରୀ, ଅତି ସ୍ନେହୀ ଲୋକ। ତାଙ୍କ ଉଦ୍ୟମରେ ବହି ଦୁଇଟି ଛପାଇଲେ। ସାନଭଉଣୀ ଭଳିଆ ବହୁତ ସାହାଯ୍ୟ କଲେ ବହି ଛପାଇବାରେ।

କାଦମ୍ବିନୀ ଆଉ ମନ୍ଦିର ଯାଉନାହାନ୍ତି ଅଣ୍ଟା ଏବଂ ପେଟର ଯନ୍ତ୍ରଣା ବହୁତ କଷ୍ଟ । କୌଣସି ପ୍ରକାରେ ନିଜକୁ ଚଳେଇ ଚାଲିବା କଥା।

ସ୍ତ୍ରୀ ପାଇଁ ପ୍ରସାଦ ସବୁବେଳେ ବେସ୍ତ। ଅଧିକାଂଶ ସମୟ କାଦମ୍ବିନୀଙ୍କର ଦେହ ଖରାପ। ଦିନକୁ ଦିନ ଶରୀର କ୍ଷୀଣ ହୋଇଯାଉଛି। ଏକୁଟିଆ ରହିବାରୁ ହାତରେ ରାନ୍ଧି ଦୁଇ ପ୍ରାଣୀ ଖାଇପିଇ ଚଳେଇବାକୁ ପଡୁଛି।

ପ୍ରସାଦ ସ୍ତ୍ରୀ କଥା ଭାବି ଦିନେ ଦିନେ ବିଚଳିତ ହୋଇପଡ଼େ । ଭାବେ କେଉଁ ମୁହୂର୍ତ୍ତରେ କାଦମ୍ବିନୀ ମୋତେ ଛାଡ଼ି ଚାଲିଯିବ ମୁଁ କ'ଣ କରିବି ? ତା'ର ମନେ ପଡ଼ିଯାଏ ଅତୀତ କଥା। ସେ କେତେବେଳେ

Source: Author, Digitized by PPRACHIN, SOA

କୃଷ୍ଣଚନ୍ଦ୍ର ଗଜପତି କଲେଜରେ ଥିଲା। ଶୁଣିଲା କାଦମ୍ବିନୀ ଆଉ ଗୋଟିଏ ଝିଅ ହୋଇଛି।

ପ୍ରସାଦର ମନଦୁଃଖ ହୋଇଥିଲା ସେ ଭାବିଥିଲା ଏ ଥରକ ତା'ର ଗୋଟିଏ ପୁଅ ହେବ।

ସବୁଦିନେ ସେ ଯାଏ ମହେନ୍ଦ୍ର ତନୟା ନଦୀ ପାଖକୁ। ସେଠାରେ ଗୋଟିଏ ମହାଦେବ ମନ୍ଦିର ଥାଏ। ସେଠି ଗୋଟିଏ ପଣ୍ଡିତ ପୂଜା କରନ୍ତି। ପ୍ରସାଦ ତାଙ୍କୁ ସବୁକଥା କହିଥିଲା...।

ପଣ୍ଡିତେ କହିଲେ ବାବୁ ତୁମେ ଗୋଟିଏ କଥା କର। ପ୍ରତ୍ୟେକ ଦିନ ଆସି ଏହି ନଦୀରେ ଗାଧୋଇ ମହାଦେବଙ୍କୁ ମୁଣ୍ଡିଆ ମାରି ପୂଜା କର। ନିଶ୍ଚୟ ଆପଣଙ୍କର ସୁପୁତ୍ର ଜନ୍ମ ହେବ। ଏହି ପରି କରିବାରୁ ପ୍ରସାଦର ଦୁଇ ଝିଅ ପରେ ପୁଅ ହେଲା।

ସେ ଜଗନ୍ନାଥଙ୍କର ଭକ୍ତ। ପ୍ରସାଦ ପୁରୀରେ ଥିଲାବେଳେ ଜଗନ୍ନାଥ ମନ୍ଦିରରେ ସେହିପରି ଗୋଟିଏ ଘଟଣା ଘଟିଥିଲା। ପ୍ରସାଦର ସାର୍ ମହେଶ୍ୱର ବାବୁ ଓ ପ୍ରସାଦ ଯାଇଥିଲେ ରାତି ସନ୍ଧ୍ୟା ଛଟା ସମୟରେ ଜଗନ୍ନାଥ ଦର୍ଶନ କରିବାକୁ। ଖରାଦିନ ଦର୍ଶନ ସାରି ବେଢ଼ା ଭିତରେ ବସି ଗପ କରୁ କରୁ ବିମଳାଙ୍କ ମନ୍ଦିର ପାଖରେ ଦୁଇଜଣ ଯାକ ଶୋଇ ପଡ଼ିଲେ। ଠାକୁରଙ୍କ କାମ ସାରି ଯେ ଯୁଆଡ଼େ ମନ୍ଦିରର ଭିତର କବାଟ ବାହାର କବାଟ ଦେଇ ଚାଲିଗଲେ।

ରାତି ସାରା ମନ୍ଦିର ଭିତରେ କେହି ରହନ୍ତିନି। ଠାକୁର ଠାକୁରାଣୀ ଚଳ ପ୍ରଚଳ ହୁଅନ୍ତି ବୋଲି।

ପ୍ରସାଦ ଓ ମହେଶ୍ୱର ବାବୁଙ୍କର ରାତି ଅଧରେ ନିଦ ଭାଙ୍ଗିଲା। ତାଙ୍କୁ ଭୟ ଲାଗିଲା। କ'ଣ କରିବେ ବୁଦ୍ଧି ଦେଖା ଗଲାନି।

ପ୍ରସାଦ ଜଗନ୍ନାଥଙ୍କୁ ମନେ ମନେ ସ୍ମରଣ କରୁଥାଏ ପ୍ରଭୁ ରକ୍ଷାକର।

ତାକୁ ଯେପରି କିଏ କହୁଥାଏ ତୁ ଯା ବିମଳାଙ୍କ ମନ୍ଦିର ପଛପଟକୁ। ପ୍ରସାଦ ମହେଶ୍ୱର ବାବୁ ବିମଳାଙ୍କ ମନ୍ଦିର ପଛପଟେ ଅନ୍ଧାର ଜାଗାଟା। ସେମାନେ ତା'ରି ଭିତରେ ଜାକିଜୁକି ହୋଇ ବସିଲେ। ରାତି ପାହିଲା, ମନ୍ଦିରର ଆଗପଟ କବାଟ ମୁଦୁଲି ଖୋଲିଲା। ମଣିଷ ଚଳପ୍ରଚଳ ହେବାରୁ

Source: Author, Digitized by PPRACHIN, SOA

ସେମାନେ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରି ଲୁଚି କରି ବାହାରକୁ ଚାଲିଗଲେ। ଏହିପରି ତା' ଜୀବନରେ କେତେ ଘଟଣା ଘଟି ଯାଇଛି।

କାଦମ୍ବିନୀର ରୋଗଶଯ୍ୟା ପାଖରେ ବସି ତା'ର ଅତୀତ ସ୍ମୃତି ମନେ ପଡୁଛି।

କାଦମ୍ବିନୀ ସ୍ନେହି, ଶାନ୍ତ ଶିଷ୍ଟ, ସାହାଯ୍ୟକାରୀ ପର ଆପଣା ଭାବ ତା' ମନରେ ନଥାଏ। ଛାତ୍ରଛାତ୍ରୀ କିଏ ଆସିଲେ କାହାକୁ ନଖୋଇ ଛାଡ଼େନି। କେତେ ଗରିବ ବାପା ମା ଛେଉଣ୍ଡ ପିଲାଙ୍କୁ ପ୍ରସାଦ ଓ କାଦମ୍ବିନୀ ପାଖରେ ରଖି ମଣିଷ କରିଛନ୍ତି। ମଣିଷ ଜୀବନରେ କ'ଣ କରିପାରିବ। ଯାହାକୁ ଅର୍ଥରେ ସାହାଯ୍ୟ କରି ପାରିବ ନାହିଁ ତାହାକୁ ସ୍ନେହ ଶ୍ରଦ୍ଧା କରି ଲାଳନ ପାଳନ କରି ସାହାଯ୍ୟ କରିବ। ତା'ହେଲେ ଭଗବାନ ତୁମ ଉପରେ ସନ୍ତୁଷ୍ଟ ହେବେ। ଏହିପରି ଭାବନାରେ ପ୍ରସାଦ, କାଦମ୍ବିନୀଙ୍କର ଜୀବନ ଅତିବାହିତ ହେଉଥାଏ।

ପ୍ରସାଦର ନାତି ନାତୁଣୀ ସବୁ ବିଦେଶରେ। ସେମାନେ ଅଜା ଆଈଙ୍କୁ ବହୁତ ଭଲ ପାଆନ୍ତି। ବିଦେଶରୁ ମଝିରେ ମଝିରେ ଫୋନ୍ କରନ୍ତି। ପ୍ରସାଦର ମନରେ କେତେ ଦୁଃଖ। ସବୁବେଳେ ସେ ସ୍ତ୍ରୀ ପାଇଁ ଚିନ୍ତାରେ ଥାଏ। ସାନଝିଅ ଯୋଇଁ ମଧ୍ୟ ବିଦେଶରେ ଥାଆନ୍ତି।

କାର୍ତ୍ତିକ ପୂର୍ଣ୍ଣିମା ଆଜି । ରାତିଯାକ ବହୁତ ରାସ୍ତା ଗହଳି। ମନ୍ଦିରରେ ଘଣ୍ଟା ବାଜୁଛି। ବିନ୍ଦୁସାଗରରେ ବହୁତ ଭିଡ଼। ଅଟୋ ରିକ୍ସାରେ ସେ ସ୍ଥାନ ପରିପୂର୍ଣ୍ଣ। ରାତିରେ ଅତି କଷ୍ଟରେ ପୋଡ଼ପିଠାଟିଏ କରିଛି ସ୍ୱାମୀ ପାଇଁ। କାଦମ୍ବିନୀର ହଠାତ୍ ନିଦ ଭାଙ୍ଗିଗଲା। ସେ ସ୍ୱାମୀଙ୍କୁ ଡାକି କହିଲା ମୁଁ ସବୁବର୍ଷ ରାତିରୁ ଯାଏ ଡଙ୍ଗା ଭସାଇବାକୁ ଏବଂ ଡଙ୍ଗା ଭସାଇ ଆସିଲେ ଚଉରା ପୂଜା କରିବି। ମହାଦେବଙ୍କ ପାଖକୁ ଯିବି। ଘର ଠାକୁର ତୁମେ ପୂଜା କରିବ – ଜଲଦି ଗାଧୋଇ ପଡ଼।

ପ୍ରସାଦ କହିଲା, ମୁଁ ଗାଧୋଇ ପୂଜା କରିଦେବି। ତୁମ ଦେହ ଭଲ ଥିଲାବେଳେ ଯାଉଥିଲ ଡଙ୍ଗା ଭସାଇବାକୁ। ଏବେ ଘରୁ ଉଠିବାର ଅବସ୍ଥା ନାହିଁ। ଯଥାକଥା କରି ଉଠି ଚଲୁଛ ? କିପରି ଯିବ ? କାଦମ୍ବିନୀ ଆଉ କିଛି ନ କହି ଗୁମ୍ ହୋଇ ମନଦୁଃଖରେ ରହିଲା। ପ୍ରସାଦ କାଦମ୍ବିନୀକୁ ଗରମ ପାଣି ଦେଇଦେଲା। ସେ ଗାଧୋଇ ଠାକୁର ଘରକୁ

Source: Author, Digitized by PPRACHIN, SOA

ଗଲା। ପ୍ରସାଦ ଗାଧୋଇ ମହାଦେବ ମନ୍ଦିରରେ ପୂଜା କରି ଆସି ଘରଠାକୁର ପୂଜା କଲା।

କାଦମ୍ବିନୀକୁ ଡାକିଲା ପିଠା କାଟିବାକୁ। ସେ ପୋଡ଼ପିଠା କାଟି ସ୍ୱାମୀକୁ ଦେଲା।

ପ୍ରସାଦଙ୍କର ପିଠାପଣାରେ ଭାରି ଲୋଭ। ଯେଉଁ ପୂଜା ପର୍ବରେ ପିଠାପଣା ହବ ସେ ରାତିରେ ଖାଇ ସ୍ତ୍ରୀକୁ କହିବେ ମୋ ପାଇଁ ସକାଳକୁ ରଖିବ।

କାଦମ୍ବିନୀ ସ୍ୱାମୀଙ୍କ ପାଇଁ ଆଗକୁ ପିଠା ଲୁଚାଇ ରଖି ଦେଇଥିବ ସକାଳ ପାଇଁ।

କାଦମ୍ବିନୀ ଭାବୁଛନ୍ତି ଆଉ ଆଠ ଦିନ ଗଲେ ମାର୍ଗଶିର ମାସ ଗୁରୁବାର। ଦେହରେ ଜମା ବଳ ପାଉଁନି ଆଉ କୌଣସି କାମ କରିବାକୁ। ବଳ ଯାଉଛି ନା ବଳ ଆସୁଛି। ସେ, ସ୍ୱାମୀକୁ କହିଲେ ଶାଶୁଙ୍କ ଅମଳରୁ ତ ଏକାନ୍ନ ପରିବାରରେ ଗାଁରେ ଶାଶୁ ଗୁରୁବାର ବସାଉଥିଲେ, ତୁମ ଭାଇମନେ ଯେଉଁଠି ଅଛନ୍ତି, ସେ କ'ଣ ଗୁରୁବାର ବସାଉଛନ୍ତି। ମୁଁ ତ ମୋର ଲକ୍ଷ୍ମୀ ପାଖରେ ପୂଜା କରୁଥିଲି ତୁମେ ମୋତେ ମାଣଧାନ ଦେଲ ଯେତେବେଳେ ମୁଁ କ'ଣ ନାଇଁ କରିଥାନ୍ତି। ଘରେ ବିଧିଗୁଡ଼ାକ କରୁଛି। ଜୀବଥିବା ପର୍ଯ୍ୟନ୍ତ କରିବି। ଏବେତ ନିଜେ ଦେଖୁଛ ଦେହର ଅବସ୍ଥା କେତେବେଳେ କ'ଣ ହେବ କିଏ ବସାଇବ? ପ୍ରସାଦ କହିଲା ବୋହୂ ବସାଇବ।

କାଦମ୍ବିନୀ କହିଲା ସବୁ କରିବେ ମୁଁ ଦେଖୁଛି। ପୂଜାପୂଜିର ନାଁ ଧରୁନାହାନ୍ତି । କ'ଣ ନା ଧାନ ବସାଇବେ? ହଉ ବସାନ୍ତୁ ଭଲକଥା।

ପ୍ରସାଦ କହିଲା "କାଦମ୍ବିନୀ – ମୁଁ ମାନୁଛି ତୁମପରି କେହି କରିବେ ନାହିଁ । ଯଦି ନ ମାଣ ବସାଇବେ, ଗାଁକୁ ପଠାଇ ଦେବି। ସେୟାତ କରିବା ସମୟ ପଡ଼ିଲେ ଆଉ କାହାକୁ କହିବ? କଥାରେ ଅଛି–

ଚୋର ମା ଲାଜେ ନ କାନ୍ଦେ । ଯଦି କାନ୍ଦେ ଦୁଆର ଦେଇ କାନ୍ଦେ।"

ପ୍ରସାଦ କହିଲା "ତୁମ ଦେହ ଭଲ ହୋଇ ଯିବ। ନଇ ନ ଦେଖୁଣୁ ନଙ୍ଗଳା।" କାଦମ୍ବିନୀ କହିଲା – "ମୋତେ ଗୁରୁବାର

Source: Author, Digitized by PPRACHIN, SOA

ବସାଇବା ପୂଜା ପୂଜି କରିବାକୁ ଭଲ ଲାଗେ। ଦେହ ପାଇଁ ବ୍ୟସ୍ତ ଲାଗୁଛି। କେତେବେଳେ କ'ଣ ହେଇଯିବ। ତୁମେ ହଇରାଣ ହେବ। ତୁମ ହଇରାଣ ଦେଖି ଦେଖି ମୁଁ ବେମାର ହୋଇଗଲି। ମୁଁ ବହି ଲେଖୁଛି ସେବା ଓ ଲେଖା ମୋର ଜୀବନର ଲକ୍ଷ।"

ପ୍ରସାଦକୁ ମଧ ବୟସ ହେଲାଣି। ସେ କାର୍ଯ୍ୟଦକ୍ଷ ଲୋକ ତାକୁ ବସିବାକୁ ଭଲ ଲାଗେନି। ସେ ରିଟାଏଡ୍ ଅବସର ନେଲା ଦିନରୁ ଯେଉଁ ଅଫିସ୍‌ଟି କରିଛି ସେଥିରେ ସେ ସର୍ବଦା ବ୍ୟସ୍ତ ଥାଏ। ତା' ଜୀବନରେ ଯେଉଁ ବହି ଲେଖିଛି । ସେ ସାରା ଭାରତରେ ଏବଂ ଆମେରିକା ଓ ଲଣ୍ଡନରେ ପ୍ରଚଳିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି ଏବଂ ଯେଉଁ ସାହିତ୍ୟ ସଂସ୍କୃତି ଅଫିସ କରିଛି ସେଥିରେ ବଡ଼ ବଡ଼ ଜ୍ଞାନୀ ପଣ୍ଡିତ ମାନଙ୍କୁ ଡାକି ସେମିନାର କରିଛି। ଚାଳିସ ଖଣ୍ଡ ବହି ଲେଖିଛି। ଜୟଦେବଙ୍କ ବିଷୟରେ ବର୍ଣ୍ଣନା କରି ଉଚ୍ଚ ସମ୍ମାନ ପାଇଛି। ବହି ଲେଖାରୁ କିଛି ପଇସା ପ୍ରସାଦ ପାଏ।

କାଦମ୍ବିନୀ ଭାରି ପରିଶ୍ରମୀ। ଘରର ସବୁ ଦାୟିତ୍ୱ କାଦମ୍ବିନୀ ବୁଝେ। ପ୍ରସାଦ ଯେତିକି ପେନ୍‌ସନ୍ ପାଏ ସେ ସ୍ତ୍ରୀକୁ ଦେଇଦିଏ। ସେତିକିରେ ଘରର ସବୁକିଛି ବନ୍ଧୁବାନ୍ଧବ ଝିଅମାନଙ୍କର ପୂଜାପର୍ବ ସବୁ କରେ।

ପ୍ରସାଦ ପଇସା ପତ୍ର ନିଜେ ରଖି ଘରର ସବୁ ଦାୟିତ୍ୱ ସମ୍ଭାଳି ପାରେନାହିଁ। କାଦମ୍ବିନୀ ସେତିକି ପଇସାରେ ଘର ଚଳେଇ ହାତରେ ଦି ପଇସା ରଖେ ସୁବିଧା ଅସୁବିଧା ପାଇଁ? ଗାଈ ରଖି କ୍ଷୀର ପାଏ।

ପ୍ରସାଦ ବଡ଼ ଝିଅ ଗାୟତ୍ରୀକୁ ବହୁତ ଭଲ ପାଏ। ଜୋଇଁ ଭୁବନେଶ୍ୱରରେ ଘର କିଣି ରହିବାରୁ ସେଠିକି ମଝିରେ ମଝିରେ ଯାଇ ଝିଅ ଜୋଇଁଙ୍କ ପାଖରେ ଭଲ ମନ୍ଦ କଥାବାର୍ତ୍ତା ହୁଏ।

କାଦମ୍ବିନୀ ହନୁମାନଙ୍କ ଭକ୍ତ। ସେ ଯେତେବେଳେ ନିଜ ଘରେ ରହିଲେ। ଘରକୁ ଲାଗି ତ୍ରିନାଥ ଠାକୁର ଥିଲେ। ସମସ୍ତଙ୍କ ସାହାଯ୍ୟରେ ମହାବୀର ସେଠି ବସାଇଲେ। ଏହିପରି ମହାଦେବ ଏବଂ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସବୁ ଠାକୁର ରହିଲେ। ପଣା ସଂକ୍ରାନ୍ତି ଦିନ ମହାବୀର

Source: Author, Digitized by PPRACHIN, SOA

ଜୟନ୍ତୀ ତାଙ୍କ ଭକ୍ତମାନେ ବହୁ ଆଡ଼ମ୍ବରରେ କରନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିନାଥ ଠାକୁରଙ୍କର ପୂଜା ଏବଂ ତ୍ରିନାଥ ମେଳା ସଂକୀର୍ତ୍ତନ କରାଇବାରେ ପୂଜା ବିଧି ହୁଏ। ସେଠାରେ ଅନ୍ନଭୋଗ ରନ୍ଧା ହୋଇ ପୂଜା ସରିଲେ ଦୁଇଶହ ତିନିଶହ ଲୋକ ଖାଆନ୍ତି। ସନ୍ଧ୍ୟା ହେଲେ ଘଣ୍ଟ ଆଳତୀରେ ସେ ଜାଗା ମୁଖରିତ ହୋଇଉଠେ।

କାଦମ୍ବିନୀ ତ୍ରିନାଥ ଠାକୁରଙ୍କର ଓ ମହାବୀରଙ୍କର କବିତା ଲେଖି ଠାକୁରଙ୍କ ପାଖରେ ଉନ୍ମୋଚନ କରି ଫଟ ବନ୍ଧାଇ ଟଙ୍ଗାଇଛନ୍ତି। ଏହିପରି କବିତା ଗପ ଲେଖା ଲେଖି ଏବଂ ଘର କାମରେ ସବୁବେଳେ ବ୍ୟସ୍ତ ଥାଆନ୍ତି।

କାଦମ୍ବିନୀ ଆଗ ପ୍ରତ୍ୟେକ ସୋମବାରରେ ଲିଙ୍ଗରାଜ ମନ୍ଦିର ଯାଉଥିଲେ। ପୁଅ ପାଇଁ ପୂଜା କରିବାକୁ। ପୁଅ ଦେହ ଭଲ ନ ରହିବାରୁ ଶଶୁର କହିଥିଲେ ସୋମବାର କରି ଲିଙ୍ଗରାଜ ପାଖରେ ତା ନାଁରେ ନଡ଼ିଆ ବାଡ଼େଇବାକୁ।

ବୟସ ହେଲାରୁ ଆଉ କାଦମ୍ବିନୀ ସବୁ ସୋମବାର ଯାଇପାରନ୍ତିନି। ମାସକୁ ଥରେ ଯାନ୍ତି ପୂଜାପୂଜି କରିବାକୁ। କାଦମ୍ବିନୀଙ୍କ ମନ ଜାଣି ନିଜ ଘର ପାଖରେ ସବୁ ଠାକୁର ରହିଲେ। ସବୁ ସୋମବାରରେ ସେଠି ପୂଜା ପୂଜି କରି ନଡ଼ିଆ ବାଡ଼ାନ୍ତି। ବୟସ ହେଲାରୁ ଅତୀତ କଥାସବୁ ମନେପଡ଼େ - ବାପଘରର, ଶାଶୁଘରର ସବୁକିଛି ?

ପ୍ରସାଦର ଗୋଟିଏ ପୁଅ ତା' ନାଁ ଶାନ୍ତନୁ। ସେ ଭାରି ଧିରସ୍ଥିର ଏବଂ ଇଞ୍ଜିନିଅର୍। ବାପା ମା' ବୁଢ଼ାବୁଢ଼ୀ ହେବାରୁ ଏବଂ ମା'ର ଦେହ ଭଲ ରହୁନି ଭାବି ସେ ଟ୍ରାନ୍ସଫର୍ ହୋଇ ଭାଇଜାଗ୍ ଚାଲି ଆସିଲା। ପୁଅ ବୋହୁ ଆସି ଭାଇଜାଗ୍‌ରେ ରହିବାରୁ ପ୍ରସାଦକୁ ଟିକେ ଦମ୍ଭ ଲାଗିଲା। ପ୍ରସାଦ ପ୍ରତିଦିନ ଭୋରୁ ଭୋରୁ ଡାକେ କାଦମ୍ବିନୀକୁ ଚା' କରିବାକୁ।

କାଦମ୍ବିନୀ ମନେ ମନେ ବିରକ୍ତ ହୋଇ କହନ୍ତି। ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ। ମୋରି ପଛରେ ପଡ଼ିଥିବେ। କ'ଣ କରିବ ! ସେ ଉଠି ଚା' କରିଦିଏ ସ୍ୱାମୀଙ୍କୁ।

ପ୍ରସାଦ ଚା' ଖାଇ ମର୍ଣ୍ଣିଂୱାକ୍‌ରେ ବୁଲି ବୁଲି ଆସି ବଗିଚାରେ ବୁଲି ଫୁଲ ତୋଳି ଘରକୁ ଫେରନ୍ତି।

Source: Author, Digitized by PPRACHIN, SOA

ପ୍ରସାଦ ବହୁତ ବଗିଚା ପ୍ରିୟ ସବୁ ଫଳ ସେ ବଗିଚାରେ ଲଗାଇଛନ୍ତି। ଆମ୍ବଠାରୁ ପିଜୁଳି ଯେତେ ପ୍ରକାର ଫଳ। ନଡ଼ିଆ କଦଳୀ ସହିତେ ଲଗାଇଛନ୍ତି। କାଦମ୍ବିନୀଙ୍କର ଫୁଲରେ ସଉକ। ସେ ଲାଗିଥିବେ ଫୁଲ ଲଗାଇବା ଗୋଲାପ ଗଛଠାରୁ ଗେଣ୍ଡୁ, ଜିନିଆ ପର୍ଯ୍ୟନ୍ତ। ନିଜେ କୋଡ଼ିବେ ପାଣିଦେବେ, ନିଜେ ପହଁରିବେ। ଏହିପରି କାମରେ ଦୁଇପ୍ରାଣୀ ଲାଗିଥାଆନ୍ତି।

ପ୍ରସାଦ ଥରେ ଥରେ ସ୍ତ୍ରୀକୁ ପାଟି କରି କହନ୍ତି ବାହାରେ ବଗିଚା କାମ କରୁଛ ଲୋକେ କ'ଣ କହୁଥିବେ ?

କାଦମ୍ବିନୀ ଚିଡ଼ି କରି କହିଲେ ମୋ ବାଡ଼ିରେ ମୁଁ କାମ କରୁଛି, ଏଥିରେ ଲାଜ କ'ଣ ? ଯିଏ କହିବ କହୁଥାଆନ୍ତୁ ? ପ୍ରସାଦ ଆଉ କିଛି ନ କହି ଚାଲିଯାଆନ୍ତି।

କାଦମ୍ବିନୀର ଦିନେ ଦିନେ ପିଲାଦିନର କିଛି ଅତୀତ ସ୍ମୃତି ମନେ ପଡ଼େ। ଯେଯେମା କାଦମ୍ବିନୀକୁ ବହୁତ ଭଲ ପାଏ। ସେ ଶାଶୁଘରୁ ଆସିଲାପରେ କାଦମ୍ବିନୀକୁ ତା'ର ଯେଯେମା ସୁନା ନୋଳୀ ଦେଇଥିଲା। କହିଥିଲା କାହାକୁ କିଛି ନ କହିବାକୁ।

ପ୍ରସାଦର ଭାଇ ବାହାଘରକୁ ମାଗିଲେ ସୁନା ନୋଳୀ ହାର କରି ବୋହୁ ପାଇଁ ନବା ଲାଗି। କାଦମ୍ବିନୀ ଦେଖିଲେ ନ ଦେଲେ ହବ ନାହିଁ, ବାଧ ହୋଇ ସେ ସ୍ୱାମୀଙ୍କୁ ନୋଳୀ ହଳକ ଦେଇଦେଲେ।

କାଦମ୍ବିନୀର ଜୀବନରେ ଗୋଟିଏ ଘଟଣା ମନେପଡ଼ିଲେ ଦେହ ଟାଙ୍କୁରି ଉଠେ। ବସନ୍ତପୁରରେ ସୁନ୍ଦର ବୋହୂ ଝିଅ ଦେଖିଲେ ଡାହାଣୀ ଲାଗେ। କାଦମ୍ବିନୀର ଆଜି ପର୍ଯ୍ୟନ୍ତ ସେ ଘଟଣା ମନରୁ ଯାଇନି। କଲେଜ ଛୁଟି ହେଲେ ଖରାଦିନେ ପ୍ରସାଦ ପିଲାଙ୍କୁ ଧରି ଯାଏ ଗାଁକୁ। ଜୁଲାଇରେ କଲେଜ ଖୋଲିଲେ ସେ ନେଇଆସେ ପିଲାଙ୍କୁ। ଗୋଟିଏ ଦିନ ପ୍ରସାଦ କାମରେ କଟକ ଯାଇଛି। କାଦମ୍ବିନୀ ପିଲାଙ୍କୁ ନେଇ ଗୋଟେ ଘରେ ଶୋଇଛି। ଖରାଦିନ କବାଟ ମେଲା କରି ସବୁ ଶୋଇଛନ୍ତି। ଗାଁରେ କୁଟୁଣୀ ସବୁ ଥାଆନ୍ତି ଧାନ କୁଟିବାକୁ ଢିଙ୍କିରେ। ସେଦିନ ଧାନକୁଟିବାକୁ ନେତୀ ମା' ପୋଖରୀ ବାଟେ ଆସିଲା ଜଗନ୍ନାଥବାବୁଙ୍କ ଘରକୁ ଧାନ କୁଟିବାକୁ।

Source: Author, Digitized by PPRACHIN, SOA

ରାତି ପାହି ନଥାଏ ସେ ବାଟରେ ଦେଖିଲା ପଣ୍ଡିତ ଘର ବୋହୂ କାଦମ୍ବିନୀ ବସିଛି। ଦେହହାତ ଥରୁଛି କଳା ପଡ଼ିଗଲାଣି ତା' ମୁହଁ। ନେତୀ ମା' ଜଗନ୍ନାଥ ବାବୁଙ୍କୁ ଡାକିଲା – ପଣ୍ଡିତେ ଅଛକି ?

ଜଗନ୍ନାଥ ବାବୁଙ୍କ ନିଦ ଭାଙ୍ଗିଗଲା । କହିଲେ କ'ଣ କିଲୋ ? ନେତୀ ମା' କହିଲା ଏଠି କ'ଣ ଶୋଇଛ ବୋହୂକୁ ଡାହାଣୀ ଖାଇଛି। ପୋଖରୀ ହୁଡ଼ାରେ ବସିଛି ଡାକିଲି ଆସିଲାନି। ଜଗନ୍ନାଥ ବାବୁ ଓ ତାଙ୍କ ସ୍ତ୍ରୀକୁ ଧରି କରି ଗଲେ ପୋଖରୀ ହୁଡ଼ାକୁ। ଜଗନ୍ନାଥ ବାବୁ ତାଙ୍କ ସ୍ତ୍ରୀ ବୋହୂକୁ ଧରି କରି ଆସିଲେ ଘରକୁ ଝଡ଼ାଝଡ଼ି କଲେ। ସେହିଦିନରୁ କାଦମ୍ବିନୀ ଶାଶୁଘରକୁ ଗଲେ ତାକୁ ଭାରି ଡର। ସେଥିପାଇଁ ସେ ଘର ଭିତରୁ ବାହାରେନି ପଦାକୁ।

ପ୍ରସାଦ ଅଫିସ୍ କାମରେ ବ୍ୟସ୍ତ । ଅଫିସରେ ବହିପତ୍ର ଲେଖାଲେଖି ଅନ୍ୟାନ୍ୟ କାମରେ ସେ ସର୍ବଦା ଲାଗିଥାଏ। ବାହାର ଲୋକ ଚାକିରୀ ପାଇଁ କହିଲେ ବୁଝିବାକୁ, ହଉ ନ ହଉ ବାହାରେ। ଏ ଅଫିସ୍ ସେ ଅଫିସ୍ ବୁଲୁଥିବି। କାଦମ୍ବିନୀ ଦେଖି ବିରକ୍ତ ହୋଇ କହନ୍ତି ଅବସର ନେଲ ଘରେ ବସୁନା। ଚବିଶ ଘଣ୍ଟା ବୁଲୁଥିବ। ଯାହାର ପିଲା ପାଇଁ ଦୌଡୁଛ ଯାହାଙ୍କ ପାଖକୁ ଚାକିରୀ ପାଇଁ ଯାଉଛ ସେ କରିଦେଉଛନ୍ତି କି ? ତୁମର ଚାକିରି ଥିଲା ତୁମ କଥା କିଏ ଶୁଣୁଥିଲା। ଅବସର ନେଇ କିଏ ତୁମ କଥା ଶୁଣିବ। ଖାଲି ଧନହାନି ପ୍ରାଣ ପିଡ଼ା। ଯେତେବେଳେ ଦେହଖରାପ ହେବ ଦେଖିବା ତୁମର କିଏ କରିବ ?

ପ୍ରସାଦ କହିଲା – ଲୋକଙ୍କୁ ସାହାଯ୍ୟ କରିବା କ'ଣ ଖରାପ ଚେଷ୍ଟା କରୁଛି । ତେଣିକି ନ ହେଲେ ସେମାନେ ଜାଣିବେ ସାର୍ ଚେଷ୍ଟା କଲେ ହେଲାନି। ମୋର କର୍ତ୍ତବ୍ୟ ପରକୁ ସାହାଯ୍ୟ କରିବା । ନ ହେଲେ ମୁଁ କ'ଣ କରିବି ?

କାଦମ୍ବିନୀ – ହଉ ଯାହା କରୁଛ କର ମୁଁ ଆଉ ଦିନେ କିଛି କହିବି ନାହିଁ। ମୁଁ ତ ନିଜେ ଅସୁସ୍ଥ। ସତ କଥା କହିଲେ ଚିଡୁଛ। ଆମେ ତ ବୁଢ଼ା ବୁଢ଼ୀ ହେଲେ । ଆମ ଦେହକୁ ଆମେ ଜଗି ଚଳିବା। ଦେହ ମୁଣ୍ଡ ହେଲେ କିଏ ଆମର କରିବ। ଗୋଡ଼ହାତ ମୋର ଚଳୁଥିବ ତୁମ ଆଗରେ ପ୍ରଭୁ ମୋତେ ନେବେକି ?

Source: Author, Digitized by PPRACHIN, SOA

କାଦମ୍ବିନୀ କଥା ଶୁଣି ପ୍ରସାଦ ରାଗି ଉଠି କହିଲେ – ଶୁଣ କାଦମ୍ବିନୀ ଗଲାବେଳେ କେହି ରଖିବେନି ? କଥାରେ ଅଛି –

କେହି ରହିନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳ ବଳେ।

କାଦମ୍ବିନୀ କହିଲା – ବାହା ହୋଇ ଆସିଲା ଦିନଠାରୁ ଦେଖୁଛି ପ୍ରତ୍ୟେକ କଥାରେ ତୁମେ କହୁଛ ଆମେ ଆମର କର୍ତ୍ତବ୍ୟ କରିବା। ତୁମେ ତ ତୁମ ଘର ପାଇଁ ଏତେ କଲ ଭାଇ ଭଉଣୀ ପୁଅ ଝିଅ ପର୍ଯ୍ୟନ୍ତ। ସେକଥା ତୁମକୁ ଯେତେ ବୁଝେଇଲେ କିଛି ଲାଭ ନାହିଁ। କେଉଁ ଦିନ ମୋ କଥା ଶୁଣ ? ଆଉ ଆଜି କହିଲେ ଶୁଣିବ ? ଏତକ କହି କାଦମ୍ବିନୀ ଚାଲିଗଲେ ଠାକୁର ଘରକୁ ସଞ୍ଜବତୀ ଦେବାକୁ।

ପ୍ରସାଦ କହିଲା ମୁଁ କାହା କଥା ଶୁଣେନି ଯିଏ ଯାହ କହିଲେ ମଧ ମୋର ଛଳ ନଥାଏ। ଯିଏ ଆମକୁ ଖରାପ କରି କହିଲା ସେ ଗାଳି ତା'ର।

ମଝିରେ ମଝିରେ କାଦମ୍ବିନୀର ଦେହ ବହୁତ ଖରାପ ହୋଇଗଲେ ପ୍ରସାଦ ବିଚଳିତ ହୋଇପଡ଼େ। ନିଜ ମନକୁ ଭାବେ। କାଦମ୍ବିନୀ ସିନା ପାଠ ପଢ଼ିନି କିନ୍ତୁ ସର୍ବଗୁଣ ସମ୍ପନ୍ନା ?

ପ୍ରସାଦର ବୟସ ହୋଇ ଗଲାରୁ ଠିକ୍ ସମୟରେ ଖାଇବା ଶୋଇବା ତା'ର ଦରକାର। ଟିକେ ଏପଟ ସେପଟ ହେଲେ ସେ କାଦମ୍ବିନୀ ଉପରେ ବିରକ୍ତ ହୋଇଉଠେ। ସେଥିପାଇଁ କଦମ୍ବିନୀ ଯେତେବେଳେ ଯାହା ଦରକାର ବୁଝି କରି କରିଦିଏ। ମୂଳରୁ ସେ ଦେଖୁଛି ସ୍ୱାମୀଙ୍କର କଷ୍ଟ। ଆଜି ମୋତେ ପଛେ କଷ୍ଟ ହେଉ ତାଙ୍କ ମନରେ କଷ୍ଟ ଦବାକୁ ମୁଁ ଚାହେଁନି ?

ଦିନେ ଦିନେ କାଦମ୍ବିନୀ ଥଟ୍ଟାରେ କହେ ପ୍ରସାଦକୁ – ବୁଝିଲ ବାପା ଗୋଟିଏ ଝିଅ ବୋଲି ତୁମକୁ ଦେଇଥିଲେ ଯୋଗ୍ୟ ସୁନ୍ଦର ଦେଖି।

Source: Author, Digitized by PPRACHIN, SOA

ତୁମ ଘରକୁ ଆସିଲା ଦିନଠାରୁ ଯାହା ସୁନା ଦେଇଥିଲେ ଗଲା । ମନର ଅବସ୍ଥା ସବୁଥିରେ ଅଶାନ୍ତି।

ପ୍ରସାଦ କହିଲା କାହିଁ ତୁମେ କ'ଣ ମୋତେ ବାହା ହୋଇ ସୁଖି ହୋଇନା ? କାଦମ୍ବିନୀ କହିଲା ମଣିଷ ଜୀବନ ତ ସୁଖ ଦୁଃଖର ଭଣ୍ଡାର। ତୁମର ଯାହା କରିବାର କଥା ମୋ ପାଇଁ କରିଛ ମୁଁ ମନାକରୁନି। ହେଲେ କ'ଣ ହେବ ମନର ଶାନ୍ତି ଦରକାର।

ପର ପିଲାଙ୍କ ସେବାରେ ଶାନ୍ତି ଅଛି। କିନ୍ତୁ ତୁମ ଘର ପାଇଁ ଯେତେ କଲେ କ'ଣ ହେବ ସବୁ ଦୋଷ ମୋତେ ଦେବେ।

ପ୍ରସାଦ କହିଲା ମୁଁ ସବୁ ଜାଣେ କିନ୍ତୁ କିଛି କହେନି । କାରଣ ତୁମ ପାଇଁ କହିଲେ, ସେମାନେ ଅଲଗା କଥା ଭାବିବେ। କାଦମ୍ବିନୀ, ଆଉ ପଛକଥା ଗୁଡ଼ା ମୋ ଆଗରେ କୁହନି କି ଅଶାନ୍ତି ସୃଷ୍ଟି କରନି। ଆମେ ସମସ୍ତଙ୍କର କରିଥିଲେ ବୋଲି ଜଗନ୍ନାଥ ଆମକୁ ଚାହିଁଛନ୍ତି।

କାଦମ୍ବିନୀ କହିଲା ସେ କଥା ଛାଡ଼। ଆମେ ଦୁଇଜଣ କେମିତି ଶେଷବେଳକୁ ଶାନ୍ତିରେ ରହିବା ସେଇଟା ଦରକାର। ଆମ ବେଳକଥା ଅଲଗା। ବର୍ତ୍ତମାନ ସମୟ ଅଲଗା । ପିଲାମାନେ ଆଜିକାଲି ଚାହୁଁଛନ୍ତି ସେମାନେ ସ୍ୱାଧୀନ ଭାବରେ ଚଳିବେ। ବାପ ମା'ଙ୍କର ଦାୟିତ୍ୱ ନେବେନି। ସେଥିଲାଗି ସରକାର ଜରା ନିବାସ କରିଛି - ବୁଢ଼ାବୁଢ଼ୀଙ୍କ ପାଇଁ। ସେଠି ସବୁ ପ୍ରକାର ସୁବିଧା। ଡାକ୍ତରଠାରୁ ଆରମ୍ଭ କରି ସବୁ କିଛି।

ପ୍ରସାଦ କାଦମ୍ବିନୀ କଥା ଶୁଣି କହିଲା ଯେତେବେଳେ ଭାଗ୍ୟରେ ଥିବ ତାହା ହେବ। କିଛି ଲାଭ ନାହିଁ ଏତେ ଚିନ୍ତା କରି। ଜଗନ୍ନାଥଙ୍କର ଯାହା ବରାଦ ଥିବ ?

କାଦମ୍ବିନୀ କହିଲା ଆମ ବୟସରେ ବାପା ମା', ଯେଉଁଠି ଠିକ୍ କରି ପୁଅ ଝିଅଙ୍କୁ ବିବାହ ଦଉଥିଲେ ସେମାନେ ସେଇଠି ବିବାହ କରୁଥିଲେ। ଯାନି ଯୌତୁକ ଉପରେ ଏତେ ନିର୍ଭର ନଥିଲା।

ଆଜିକାଲି ପିଲା ଚାହୁଁଛନ୍ତି ଚାକିରୀଆ ଝିଅ। ପୁଅ ଘର ଯାନିଯୌତୁକ ଉପରେ ବେଶୀ ସମସ୍ୟା। ଦେଲେ ମଲ ନଦେଲେ ମଲ। ଝିଅଟିମାନଙ୍କୁ ବାହାକଲେ ଟଙ୍କାଠାରୁ ଘରର ଯାବତୀୟ ଜିନିଷ ଦେଉଛନ୍ତି। ସେଥିରୁ ଯଦି ଊଣା ହେଲା ବୋହୁଙ୍କୁ ପୋଡ଼ି ଦେଇ ମାରିବେ।

Source: Author, Digitized by PPRACHIN, SOA

ଯଦି ସବୁ ଦେଲ, କିଛିଦିନ ବୋହୂକୁ ଭଲ ବ୍ୟବହାର କରିବେ। ଯାହାର ଯେତିକି ଶକ୍ତି ଥିବ ସେ ଦବ ଝିଅକୁ। ଯାହାର ନିଜର କୁଟୁମ୍ବକୁ ଭରଣ ପୋଷଣ କରିବାକୁ କ୍ଷମତା ନଥିବ ସେ ଆଣିବ କେଉଁଠୁ ? ସେଥିପାଇଁ ସବୁଠାରୁ ଝିଅମାନଙ୍କର ଦୁଃଖ ଅଧିକ। ନାଁ ଶାଶୁଘରେ ଶାନ୍ତିରେ ରହିବେ। ନାଁ ବାପଘର ପାଇଁ କିଛି କରି ପାରିବେ ?

ପ୍ରସାଦ କହିଲା ମୁଁ ଯାନି ଯୌତୁକ ଦବା ନବାରେ ବିରୋଧ। ଆଜିକାଲି କେତେକ କ୍ଷେତ୍ରରେ ଝିଅମାନେ ନିଜେ ଉଚ୍ଚଶିକ୍ଷିତା ହୋଇ ନିଜ ଗୋଡ଼ରେ ନିଜେ ଠିଆ ହୋଇ ନିଜେ ନିଜେ ଠିକ୍ କରି ବାହା ହେଉଛନ୍ତି। ପୁଅ ଝିଅ ସବୁଠାରୁ ଭଲ। ଦୁଇଜଣ ଚାକିରୀ କରି ଚଳିଲେ ଅର୍ଥର ଅଭାବ ନାହିଁ ଟିକେ ତ ଶାନ୍ତିରେ କାଳଯାପନ କରିବେ ?

କାଦମ୍ବିନୀ କହିଲା ତୁମେ ଯାହା କହିଲ ସତ କିନ୍ତୁ ଦୁଇଜଣ ଚାକିରୀ କରିଲେ ପିଲାଛୁଆ ଘରର ଯାବତୀୟ ଜଞ୍ଜାଳକୁ ଦୁହିଁଙ୍କୁ ଦୁହେଁ ସାହାଯ୍ୟ କରିବାକୁ ପଡ଼ିବ। ନଚେତ୍ ଭିତରେ ଅଶାନ୍ତି ସୃଷ୍ଟି ହେବ ? ନଚେତ୍ ଚାକର ପୂଝାରୀ ରଖିବେ।

ପ୍ରସାଦ କହିଲା ଯାହା ତୁମେ କହିଲ ଠିକ୍ କଥା। ନହେଲେ ଚଳିବେ କିପରି ? କାଦମ୍ବିନୀ କହିଲା – ଆଜିକାଲି ଝିଅମାନେ ପାଠପଢ଼ିଲେ ଚାକିରୀ କଲେ ନିଜ ସ୍ୱାଧୀନରେ ଚଳିଲେ। ଆମ ସମୟରେ ଝିଅମାନେ ଏଗାର ବାର ବର୍ଷ ହବା ଯାକେ ଯାହା ସ୍କୁଲକୁ ଯିବେ । ତେର ଚଉଦ ବର୍ଷ ହେଲେ ଝିଅମାନେ ପଦାକୁ ବାହାରିବେ ନାହିଁ। କିପରି ବରପାତ୍ର ଦେଖି ଝିଅମାନଙ୍କୁ ହାତକୁ ଦିହାତ କରିଦେବେ ବାପ ମା' ବ୍ୟସ୍ତ। ଝିଅମାନେ ଶାଶୁଘରେ ସ୍ୱାମୀ ରୋଜଗାର କରୁନ୍ତୁ ବା ନକରନ୍ତୁ ନିଜର କର୍ତ୍ତବ୍ୟରେ ଆଗଉଥିବେ। ଶାଶୁ ଶ୍ୱଶୁର ଗୁରୁଜନମାନଙ୍କର ସେବା ଯତ୍ନ ସ୍ନେହ ଶ୍ରଦ୍ଧା କରି ଚଳାଉଥିଲେ। ଶାଶୁଘର ପ୍ରତି ମଧ୍ୟ ଭୟଥିଲା। ଆଜିକାଲି ଝିଅମାନଙ୍କର ଶାଶୁ ଶ୍ୱଶୁରଙ୍କ ପ୍ରତି ଭୟ ନାହିଁ। ସେବା ଯତ୍ନ କରିବା କଥା ଛାଡ଼ ? ବୁଢ଼ାବୁଢ଼ୀଙ୍କର ସେଇଟା ବେଶୀ ଦୁଃଖଦାୟକ।

ପ୍ରସାଦ କହିଲା ଶୁଣ କାଦମ୍ବିନୀ ତୁମେ ଜମିଦାର ଘର ଝିଅ। ତୁମେ ଆମ ଘରକୁ ଏବଂ ଅଭାବ ଅସୁବିଧା ସତ୍ତ୍ୱେ ଯେଉଁ ପ୍ରକାରରେ ସମସ୍ତଙ୍କୁ ସ୍ନେହଶ୍ରଦ୍ଧା କରି ଗୁରୁଜନମାନଙ୍କର ସେବା ଯତ୍ନ କରି ମୋର ସାମାନ୍ୟ ରୋଜଗାରରେ ଘର ଚଳାଇଲ ତାହା ଆଜିକାଲି ଝିଅମାନେ

Source: Author, Digitized by PPRACHIN, SOA

କରିପାରିବେ ନାହିଁ। କାଦମ୍ବିନୀ - କରି ପାରନ୍ତେ। ସେମାନଙ୍କର ଧୈର୍ଯ୍ୟ ନାହିଁ କି ସହିବାର ଶକ୍ତି ନାହିଁ। ଆମ ସମୟରେ ମୁଣ୍ଡରୁ ଲୁଗା ବାହାରୁ ନଥିଲା। ଆଜିକାଲି ବୋହୂମାନେ ମୁଣ୍ଡରେ ଲୁଗା ଦବା କଥା ନାହିଁ। ସେମାନଙ୍କର ସେଥିପ୍ରତି ନଜର ନାହିଁ କି ଖାତିର ନାହିଁ। ଆମେ ଦେଢ଼ଶୁର କି ମଳାଶୁର ଥିଲେ ତାଙ୍କ ଆଗରେ ଯିବୁନି - କଥାବାର୍ତ୍ତା କଥା ଛାଡ଼। କଥାରେ ଅଛି -

ଦେଢ଼ୁଶୁରକୁ ଆଡ଼ ଆଡ଼, ମଳାଶୁରକୁ ରାଜ୍ୟଛାଡ଼।

ଆମ ସମୟରେ ଏଇଟା ଥିଲା ଘରର ପରମ୍ପରା। ପ୍ରସାଦ କହିଲା - ଆଗ ସମୟରେ ଆଉ ଏ ସମୟ କଥା ବହୁ ତଫାତ୍। ଯେତେବେଳେ ଯାହ ସେହି ପ୍ରକାରରେ ଆମକୁ ଚଳିବାକୁ ପଡ଼ିବ। ବ୍ୟସ୍ତ ହୋଇ କିଛି ଲାଭ ନାହିଁ।

କାଦମ୍ବିନୀ - ଆମର ତ ବୟସ ହୋଇଗଲାଣି । ଦିନକୁ ଦିନ ଦେହ ହାତ ଦୁର୍ବଳ ହୋଇପଡୁଛି। କାମଦାମ କରିବାକୁ ଆଉ ଶକ୍ତି ନାହିଁ। ମୁଁ ସେତେବେଳେ କହୁଥିଲି ପୁରୀରେ ଯାଗା ସବୁ ବିକନି ଖଣ୍ଡେ ରଖ। ସମୟରେ ପୁରୀରେ ଘର ଖଣ୍ଡେ କରି ରହିବା। ଅନ୍ତତଃ ଜଗନ୍ନାଥଙ୍କ ଦର୍ଶନ ସବୁଦିନେ କରିଥାଆନ୍ତେ। ମନଟା ଗୋଟାଏ ଅଲଗା ପ୍ରକାର ଲାଗିଥାଆନ୍ତା। ତୁମେ କ'ଣ ଶୁଣିଲ ?

ପ୍ରସାଦ କହିଲା - କାଦମ୍ବିନୀ ଶୁଣ। ଏପରି ବ୍ୟସ୍ତ ହେଲେ କ'ଣ ହେବ। ଜଗନ୍ନାଥଙ୍କର ଯାହା ବରାଦ ଥିବ। ମୁଁ ସେହି ଜଗନ୍ନାଥଙ୍କୁ ଧରିଛି ସେ ମାରିବେ ତାରିବେ ତାଙ୍କୁ ଜଣା। ମଣିଷ କେବଳ ନିମିତ୍ତ ମାତ୍ର କଥାରେ ଅଛି - ରଖେ ହରି ମାରେ କିଏ, ମାରେ ହରି ରଖେ କିଏ।

ଆଗ ତୁମ ଦେହକୁ ଜଗି ଚଳ। କାଦମ୍ବିନୀ ତୁମ ପାଇଁ ମୁଁ ସବୁବେଳେ ବ୍ୟସ୍ତ। ପ୍ରସାଦ ବଡ଼ ଝିଅକୁ ବହୁତ ଭଲ ପାଆନ୍ତି। ମଝିରେ ମଝିରେ ଝିଅ ଆସିଲେ ପ୍ରସାଦ କାଦମ୍ବିନୀ ଝିଅ ଆଗରେ ଘରର ଭଲ ମନ୍ଦ ଦୁଃଖସୁଖ ହୁଅନ୍ତି। ବଡ଼ଝିଅର ୩ ଝିଅ ସମସ୍ତେ ଭଲ ପାଠ ପଢ଼ନ୍ତି। ସାନ ଝିଅ ବିଦେଶରେ ରହିଲା।

ପ୍ରସାଦ "ସାହିତ୍ୟ ସଂସ୍କୃତି" ଅଫିସ ପାଇଁ ବହୁତ ଚେଷ୍ଟା କଲେ ଖଣ୍ଡେ ଜାଗା ପାଇଁ - ସରକାର ଦେଲେ ନାହିଁ। ଏହିପରି ନାନା ଚିନ୍ତାରେ ପ୍ରସାଦ ବ୍ୟସ୍ତ ହୋଇପଡ଼େ।

Source: Author, Digitized by PPRACHIN, SOA

ମଝିରେ ମଝିରେ ନାତୁଣୀ ଝିଅ ଯୋଗଁ ଆସନ୍ତି। ଝିଅ ଗାୟତ୍ରୀ ବହୁତ ବୁଝାଏ ବାପାଙ୍କୁ ଯାହା ଦରକାର ବାପା ମା'ଙ୍କର ବଡ଼ ଝିଅ ଆଣିଦିଏ। ପୁଅର ଗୋଟିଏ ପୁଅ ଓ ଝିଅ ଗୋଟିଏ। ନାତି ନାତୁଣୀ ଦୁହେଁ ଭାରି ଭଲ ପାଆନ୍ତି।

କାଦମ୍ବିନୀ ଲେଖାଲେଖି ସିଲେଇ ଘରର ଜଞ୍ଜାଳରେ ସବୁବେଳେ ବ୍ୟସ୍ତଥାଏ। କିଛି କରିବାକୁ ହାତ ଥରୁଛି ଚିନ୍ତା କଲେ ମୁଣ୍ଡ କ'ଣ ହୋଇଯାଉଛି। କୁଆଡ଼େ ଯିବାକୁ ଭଲ ଲାଗୁନି। ସେ ଠାକୁର ଘରେ ସେହି ଜଗନ୍ନାଥଙ୍କୁ ଚାହିଁ କହନ୍ତି ତୁମକୁ ଛାଡ଼ି କୁଆଡ଼େ ଯିବୁ? ତୁମ ପାଦତଳେ ଆମର ଆଶ୍ରୟ? କଥାରେ ଅଛି - ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।

ଠାକୁର ଘରେ ଜଗନ୍ନାଥଙ୍କ ଫଟକୁ ଚାହିଁ ବସିଛି କାଦମ୍ବିନୀ। ଅତୀତ କଥା ମନେପଡ଼ି ଆଖିରୁ ବୋହି ପଡୁଛି ଧାର ଧାର ହୋଇ ଲୁହ। ପ୍ରସାଦ ଠିକ୍ ସମୟରେ ଖାଏ । ରାତି ଠିକ୍ ନଅଟାରେ ସେ କାଦମ୍ବିନୀକୁ ଡାକ ପକେଇ ଠାକୁର ଘରେ ଭିତରକୁ ପଶିଗଲା ସେ ଦେଖିଲା କାଦମ୍ବିନୀ ସନ୍ଧ୍ୟା ଆଳତୀ ଦେଇ ଠାକୁର ଘରେ ନିସ୍ତଜ ହୋଇ ବସିପଡ଼ିଛି। ଆଖିରୁ ବୋହି ପଡୁଛି ଧାର ଧାର ହୋଇ ଲୁହ।

ପ୍ରସାଦ କାଦମ୍ବିନୀ କାଦମ୍ବିନୀ ଡାକି ହଲେଇ ଦେଲା ତାକୁ। କ'ଣ ଆଜି ରାନ୍ଧିବ ନାହିଁକି? କାଦମ୍ବିନୀ ଚମକି ପଡ଼ି ଦେଖିଲା ସ୍ୱାମୀଙ୍କର ଖାଇବା ଟାଇମ୍ ୯ଟାରେ। ସେ ତର ତର ହୋଇ ଉଠିପଡ଼ି ରାନ୍ଧିବାକୁ ଚାଲିଗଲା।

ପ୍ରସାଦ କହିଲା - ଆଜି କ'ଣ ମନେ ନାହିଁ ରାନ୍ଧିବାକୁ । କାହାକଥା ଭାବୁଥିଲ? ନାହିଁ ବୋଉ ଦେହ ଭଲ ନାହିଁ। ମାଡ୍ରାସରୁ ସାନ ଭାଇ ଫୋନ୍ କରିଥିଲା। ସେଥିପାଇଁ ମନଟା ଭଲ ଲାଗିଲା ନାହିଁ। ବାପା ଚାଲିଗଲେ ବୋଉ ଚାଲିଗଲେ ମୋର ଆଉ କିଏ ଅଛି ମନକଥା ଜାଣିବାକୁ?

ତୁମ ଭାଇ ଫୋନ୍ କରିଥିଲା କାହିଁ ତୁମେ ତ ମୋତେ କହିନା?

କାଦମ୍ବିନୀ - କ'ଣ କହିବି, ପାଖରେ ବୋଉ ଅଛି ଯେ ଇଚ୍ଛାକଲେ ଚାଲିଯିବି ଦେଖିବାକୁ? ଭାଇ କହିଛି ବେଶୀ ଦେହ ଖରାପ ହେଲେ

Source: Author, Digitized by PPRACHIN, SOA

ଫୋନ୍‌ରେ ଜଣାଇବ ? ପ୍ରଭୁ ଯାହା କରିବେ। ଜନ୍ମ ମରଣ କ'ଣ କାହା ହାତରେ ଅଛି। ଭଗବାନଙ୍କ ରାଜ୍ୟରେ ବଡ଼ ବିଚିତ୍ର ସମସ୍ୟା ସେଥିରେ ତାଙ୍କ ଛଡ଼ା କେହି ପଶି ପାରିବେ ନାହିଁ। ଏମିତି ଏମିତି କିଛି ମାସ ଚାଲିଗଲା ମା' ପାଇଁ କାଦମ୍ବିନୀ ମନ ଦୁଃଖରେ ଥାଆନ୍ତି।

ମନେ ପଡ଼ିଯାଏ କାଦମ୍ବିନୀଙ୍କର ମା' ଯେଉଁଦିନ ମାଡ୍ରାସ ଗଲେ ଭାଇ ପାଖକୁ ମାମୁଁ ତାଙ୍କର ନେଇ କରି ଗଲେ ଛାଡ଼ିବାକୁ। ସେଦିନ ଏକାଦଶୀ ହୋଇଥାଏ। କାଦମ୍ବିନୀ ଖାଇବା ଜିନିଷ ନେଇ ଷ୍ଟେସନରେ ପହଞ୍ଚିଲେ। ୮୫ ବର୍ଷର ଅନୁସୟା କାନ୍ଦିଲେ ଝିଅକୁ ଧରି କେତେ ବିକଳ ହୋଇ। ଗାଡ଼ି ଛାଡ଼ିଲା। ପ୍ରସାଦ କାଦମ୍ବିନୀ ଘରକୁ ଫେରିଲେ।

ସେହିଦିନଠାରୁ କାଦମ୍ବିନୀ ରାତିରେ ଦିନେ ଦିନେ ଶୋଇ ପାରନ୍ତିନି। ପିଲାଦିନର କେତେ ସ୍ମୃତି ମନେ ପଡ଼ିଯାଏ। ତା'ର ମନେ ହୁଏ ମାଡ୍ରାସ ଯାଇ ମା'କୁ ଦେଖି ଆସିବାକୁ ଏବଂ ପୁଅ ଥାଏ ଓ୍ୱାଲ୍‌ଟିଅର୍‌ରେ। ସେଠାରେ ଟିକେ ୭/୮ ଦିନ ବୁଲି ଆସିବାକୁ। ସେ ଦିନେ ସ୍ୱାମୀକୁ କହିଲା ମା ପାଇଁ ମନ ମୋର ଭଲ ଲାଗୁନି। ଚାଲ ପୁଅ ପାଖକୁ ଓ୍ୱାଲଟିଅର୍ ଯିବା। ସେଠାରେ ୭/୮ ଦିନ ରହି ମାଡ୍ରାସ ଯାଇ ବୋଉକୁ ଦେଖିଆସିବା।

ପ୍ରସାଦ କହିଲା କେମିତି ଯିବା। ଘରଦ୍ୱାର ଠାକୁର ପୂଜା କାହା ଦାୟିତ୍ୱ ଦେଇ ଯିବା।

କାଦମ୍ବିନୀ ଆଉ କିଛି ନ କହି ଚୁପ୍ ହୋଇ ରହିଲା।

କାଦମ୍ବିନୀ ମଝିରେ ମଝିରେ ଭାଇଠାରୁ ଫୋନ୍ ପାଏ ମା'ର ଦେହର ଅବସ୍ଥା କଥା। ଏହିପରି ଦୁଇ ତିନିମାସ ପରେ କାଦମ୍ବିନୀ ଭାଇଠାରୁ ଫୋନ୍ ପାଇଲା ମା'ର ଦେହ ବହୁତ ଖରାପ। ତୁ ଯଦି ଦେଖିବୁ ଭାଇନାକୁ ଧରି ଆସେ। ପ୍ରସାଦ, କାଦମ୍ବିନୀ ବଡ଼ ଝିଅକୁ ଘରର ଦାୟିତ୍ୱ ଦେଇ ମାଡ୍ରାସ ଗଲେ। ଭାଇ ଷ୍ଟେସନକୁ ଆସିଥିଲା। ଘରେ ପହଞ୍ଚି କାଦମ୍ବିନୀ ମା'ର ଅବସ୍ଥା ଦେଖି ଖାଲି କାନ୍ଦୁଥାଏ। ଆଉ କୁଆଡ଼କୁ ଗଲାନି ମା'କୁ ଛାଡ଼ି। ପ୍ରସାଦ କାଦମ୍ବିନୀ ୭ ଦିନ ମାଡ୍ରାସରେ ରହି ଓ୍ୱାଲ୍‌ଟିଅର୍ ଆସିଲେ ପୁଅ ପାଖକୁ। ସେଠାରେ ଆଠ ଦଶଦିନ ରହି ଭୁବନେଶ୍ୱର ଫେରିଲେ।

Source: Author, Digitized by PPRACHIN, SOA

ଏହିପରି ଦିନ ପରେ ଦିନ ଚାଲିଥାଏ। ଫଗୁଣ ମାସ। ଅମାବାସ୍ୟା ରାତି। ଅନ୍ଧାରରେ ମୁହଁକୁ ମୁହଁ ଦେଖାଯାଉନି। ଖାଇପିଇ ଗପସପ କରୁ କରୁ ହୋଇଗଲା ରାତି ଏଗାରଟା। ପ୍ରସାଦ ରାତିରେ ଆଠଟା ନଅଟା ପର୍ଯ୍ୟନ୍ତ ଟି.ଭି. ଦେଖେ। କାଦମ୍ବିନୀ ଘରକାମ ସାରୁ ସାରୁ ରାତି ଏଗାରଟା ହୋଇଯାଏ। ପ୍ରସାଦ ଦଶଟାରେ ଶୋଇପଡ଼େ।

ରାତି ପାଞ୍ଚଟାରେ ପ୍ରସାଦ ଉଠି ମର୍ଣ୍ଣିଂୱାକ୍ କରେ। ସେଦିନ ବର୍ଷା ହଉଥାଏ ବୋଲି ପ୍ରସାଦ ଶୋଇପଡ଼ିଲା। ବାଡ଼ିଆଡ଼େ ପେଚା ବୋବାଇଲା। କାଦମ୍ବିନୀର ନିଦ ଭାଙ୍ଗିଗଲା। ଚମକି ପଡ଼ିଲା ଭୟରେ। ସେ ପ୍ରସାଦକୁ ହଲେଇ ଦେଲା। ଟିକେ ଉଠ ବାଡ଼ିଆଡ଼େ ପେଚାଟା ବୋବାଉଛି, ମୋତେ ଡର ଲାଗୁଛି। ବୋଉ ଦେହ କ'ଣ ହେଲା କେଜାଣି ? ପ୍ରସାଦ ନିଦ ମଳ ମଳ ହୋଇ ଉଠି ବସି କହିଲା କାଦମ୍ବିନୀ ଆମେତ ଗଲେ ବୋଉଙ୍କୁ ଦେଖି ଆସିଲେ। ଅବସ୍ଥା ଯାହା ଭଗବାନଙ୍କ ହାତରେ କଥା ଆମେ କ'ଣ କରିବା ? କାଦମ୍ବିନୀ ଯାହା କହିଲା ସତ ମନଟା ଜମା ଭଲ ଲାଗୁନି। କଣ କରିବି ? କାଦମ୍ବିନୀ ଗାଧୁଆ ପାଧୁଆ କରି ରାନ୍ଧି ସାରିଛି। ପ୍ରସାଦ ଗାଧୋଇ ଠାକୁର ପୂଜା କରି ଟିଭି ଦେଖୁଛନ୍ତି। ଫୋନ୍ ଆସିଲା ବୋଉ ଚାଲିଗଲା। କାଦମ୍ବିନୀ କାନ୍ଦି କରି ବଡ଼ ଭାଇ ଘରକୁ ଗଲା। ସେଠାରେ ପହଞ୍ଚିଲା ବେଳକୁ ବଡ଼ ଭାଇ ମାଡ୍ରାସ ଚାଲି ଯାଇଛନ୍ତି। ସେଦିନ ବଡ଼ ଭାଇନା ମାଡ୍ରାସରେ ପହଞ୍ଚି ବୋଉର କାମ ସାରିଲା। ବମ୍ବେରେ ମଝିଆ ଭାଇ ଥାଏ । ସେ ବୋଉ ଖବର ପାଇ ସାଙ୍ଗେ ସାଙ୍ଗେ ମାଡ୍ରାସ ଆସି ପହଞ୍ଚିଲା। ତିନି ଭାଇ ବୋଉର ଅସ୍ଥି ନେଇ ପହଞ୍ଚିଲେ ଭୁବନେଶ୍ୱରରେ। ଏଠାରେ ବୋଉର ଶୁଦ୍ଧିକ୍ରିୟା କାମ ସରିଲା।

କିନ୍ତୁ କାଦମ୍ବିନୀର ଅତୀତ କଥା ମନେପଡ଼େ। ତା' ତଳ ଭାଇଭଉଣୀ ଆଠ ନଅଟା ମରିଗଲେ। ବାପା, ବୋଉ, ଭାଇମାନେ କେତେ ଭଲ ପାଆନ୍ତି, ଗୋଟିଏ ଝିଅ ବୋଲି। ବାପା ଗଲା ପରେ ବୋଉ ଆସି ମଝିରେ ମଝିରେ ରହେ ତା' ପାଖରେ। ରାତିରେ ଶୋଇଲାବେଳେ ମାମୁଁ ଘର କଥା ଗପେ ବୋଉ। କାଦମ୍ବିନୀକୁ ମାମୁଁ ଘର କଥା ଶୁଣିବାକୁ ବହୁତ ଭଲ ଲାଗେ। ଏହିପରି ପିଲାଦିନ କେତେ ସ୍ମୃତି ତା'ର ମନେ ପଡ଼େ। ଏହିପରି ସମୟ ଗଡ଼ିଚାଲେ।

Source: Author, Digitized by PPRACHIN, SOA

କାଦମ୍ବିନୀର ପିଲାଦିନର କେତେ ସ୍ମୃତି ମନେ ପଡୁଛି ଆଜି।

ଚାରିଟା ବାଜିଲେ ପ୍ରସାଦ ସବୁଦିନେ ପୋର୍ଟିକ ଉପରେ ଦୁଇଟା ଚେୟାର ପକାଇ ଡାକ ଛାଡ଼ିବେ କାଦମ୍ବିନୀ, କାଦମ୍ବିନୀ।

କାଦମ୍ବିନୀ ସ୍ୱାମୀଙ୍କ ଡାକ ଶୁଣି ପାଖକୁ ଆସି କହିଲେ କାହିଁକି ହୁରି ପକାଉଛ ?

ପ୍ରସାଦ କହିଲା ଆସ, ମୋ ପାଖରେ ବସ କ'ଣ କରୁଛ ?

କାଦମ୍ବିନୀ - ଘରେ ଟିକେ କାମ ଅଛି ସାରି ଦେଇ ଆସେ ?

ପ୍ରସାଦ ଚିଡ଼ି ଉଠି କହିଲା ସବୁବେଳେ ତୁମର କାମ। କେତେ କାମ ଏ ବୟସରେ କରିବ ? କାଦମ୍ବିନୀ କିଛି ନ କହି ସ୍ୱାମୀଙ୍କ ପାଖରେ ଆସି ବସିଲା। ବହୁତ ସମୟ ପର୍ଯ୍ୟନ୍ତ ଘରର ହାନିଲାଭ ଭଲମନ୍ଦ ଗାଁର ସୁବିଧା ଅସୁବିଧା ସବୁ ଦୁଇଜଣ ଯାକ ଦୁଃଖସୁଖ ହେଲେ ? ସନ୍ଧ୍ୟା ହେଲେ ଦୁଇଜଣ ଯାକ ଗଲେ ଠାକୁର ଘରକୁ ପୂଜା କରିବାକୁ।

ଦିନେ ପ୍ରସାଦ, କାଦମ୍ବିନୀକୁ ଥଟ୍ଟାରେ କହିଲା, "ଉପର ବରଡ଼ା ଖସିଲା, ତଳ ବରଡ଼ା ହସିଲା ମଝି ବରଡ଼ା ଆଇ ବୋଇଲା ମୋ ଦିନ କାଳ ଆସିଲା।" ଆମେ ତ ହେଲେ ପାକଲା ତାଳ, କେତେବେଳେ ମଣିଷ ଚାଲିଯିବ କହି ହବନି।

ସ୍ୱାମୀଙ୍କ କଥା ଶୁଣି କାଦମ୍ବିନୀ କହିଲା - ମଣିଷ ଜୀବନ ପାଣି ଫୋଟକାରୁ ହୀନ ଏ ଜୀବନ କ୍ଷଣକେ ଯିବ ମିଳାଇ। ଆମ ନୂଆ ବୋଉ କେତେଶୀଘ୍ର ଚାଲିଗଲେ। ଆମ ଭାଇନା ପିଲାମାନଙ୍କ କଥା ଘରକଥା ବନ୍ଧୁବାନ୍ଧବ ସମସ୍ତଙ୍କ କଥା ବୁଝୁଛନ୍ତି।

ମୋର ଜାତକ ଖଲିକୋଟରୁ ଜ୍ୟୋତିଷ ରମାନାଥ ପଣ୍ଡିତ ଦେଖି କହିଛି ୭୫ ବର୍ଷରେ ଚାଲିଯିବି - ଭାଇନା ଯେମିତି ବୁଝୁଛନ୍ତି ତୁମେ ସେମିତି ବୁଝିବ।

ପ୍ରସାଦ ସ୍ତ୍ରୀ କଥା ଶୁଣି ହସି ହସି କହିଲା, ତୁମେ ଆଗ ଯିବ କି ମୁଁ ଆଗ ଯିବି କିଏ କହିବ ? କଥାରେ ଅଛି -

Source: Author, Digitized by PPRACHIN, SOA

ଜନ୍ମ ମରଣ ବରଷା
କେହି ନ କହିବେ ପୁରୁଷା।
ଆସିଛେ ଏକା ଯିବା ଏକା
ସାଙ୍ଗରେ ନଯିବେ କେହି ସଖା।

ଜଗନ୍ନାଥ ଯାହା କରିବେ ମଣିଷ ହାତରେ କ'ଣ ଅଛି ? ଦୁଇଜଣଙ୍କର ଜୀବନ ଦୁଖେ ସୁଖରେ ଚାଲିଥାଏ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ମନ ବି ଦୁର୍ବଳ ହୋଇଯାଏ। ସେହିପରି ପ୍ରସାଦ ଅଫିସ କାମରେ ସବୁବେଳ ବ୍ୟସ୍ତ ଥାଏ। ଖରାଦିନେ ସବୁବେଳେ ଖରାରେ ବୁଲୁଥିବେ ପ୍ରସାଦ ଅଫିସ କାମରେ। କାଦମ୍ବିନୀ, ପୁଅ ବୋହୂ – ଝିଅ ଯୋଇଁ ଯେତେ ନାହିଁ କଲେ, ଖରାରେ ଯିବାକୁ ସେ ଶୁଣନ୍ତି ନାହିଁ । ସେ କର୍ମ ଚଞ୍ଚଳ ଲୋକ । ବସିବା ତାଙ୍କୁ ଭଲ ଲାଗେନି।

ଦିନେ କାଦମ୍ବିନୀ ବିରକ୍ତ ହୋଇ କହିଲା ସ୍ୱାମୀଙ୍କୁ ତୁମେ କାହିଁକି ଅଫିସ କାମ ପାଇଁ ବ୍ୟସ୍ତ ହଉଛ। ଦେହକୁ ରଖି କାମ କର ଦେହ ଖରାପ ହେଲେ କିଏ ପିଠିରେ ପଡ଼ିବ। ତୁମ ଛାତ୍ରମାନଙ୍କୁ କହୁନା କରିବାକୁ- ତୁମେ ଗଲାପରେ କିଏ କରିବ ?

ପ୍ରସାଦ ଚିଡ଼ି ଉଠି ସ୍ତ୍ରୀକୁ କହିଲା, କାଦମ୍ବିନୀ, ତୁମେ ପତର ଗୋଟାଇବା ଲୋକ ତୋଟା ମୂଲ କରିବା କ'ଣ ଦରକାର ? ମୁଁ ଗଲେ, ମୋ ଛାତ୍ରମାନେ କରିବେ।

କାଦମ୍ବିନୀ କିଛି ନ କହି ଚୁପ୍ ହୋଇ ରହିଲା।

ଏହିପରି କିଛିଦିନ ପରେ ପ୍ରସାଦର ଭିତରେ ଭିତରେ ଦେହ ଖରାପ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଦେହ ଦୁର୍ବଳ ଦେଖାଗଲା। କାଦମ୍ବିନୀ ଯେତେ କହିଲେ ଡାକ୍ତର ପାଖକୁ ଯିବାକୁ ପ୍ରସାଦ ଶୁଣନ୍ତିନି। ଡାକ୍ତର ଔଷଧ ଇଞ୍ଜେକସନ୍ ପ୍ରସାଦକୁ ବହୁତ ଡର। ଦେହ ଖରାପ ହେଲେ ହୋମିଓପାଥି ଔଷଧ ଖାଇବେ।

++++

ହଠାତ୍ ଦିନେ ରାତି ଅଧରେ ପ୍ରସାଦର ଦେହ ବହୁତ ଖରାପ ହେଲା। ସକାଳୁ ସେ ବିଛଣାରୁ ଉଠି ପାରିଲେ ନାହିଁ। ଏସବୁ ଦେଖି

Source: Author, Digitized by PPRACHIN, SOA

କାଦମ୍ବିନୀ ଝିଅକୁ ଫୋନ୍‌ରେ ଡକାଇଲା। ଝିଅ ଗାଡ଼ି ନେଇ ଆସିଲା। ଝିଅ, ପୁଅ ଗାଡ଼ିରେ ନେଇ ଗଲେ ଡାକ୍ତରଖାନା। ପ୍ରସାଦ ଡାକ୍ତରଖାନରେ ରହିଲେ। ସମସ୍ତେ ଲାଗିଥାନ୍ତି। କାଦମ୍ବିନୀ ମଝିରେ ମଝିରେ ଡାକ୍ତରଖାନା ଯାଇ ଦେଖି ଆସନ୍ତି ସ୍ୱାମୀଙ୍କୁ। କାଦମ୍ବିନୀର ମନର ଅବସ୍ଥା ଦିନକୁ ଦିନ ଅସ୍ଥିର ହୋଇପଡ଼େ। ତାକୁ କିଛି ବୁଦ୍ଧି ଦେଖାଯାଏ ନାହିଁ ସ୍ୱାମୀଙ୍କ ଲାଗି।

ପିଲାଏ ବହୁତ ପଇସା ଖର୍ଚ୍ଚ କଲେ । କିନ୍ତୁ ଜଗନ୍ନାଥ ପ୍ରସାଦକୁ ତାଙ୍କ ପାଖକୁ ନେଇଗଲେ ସବୁଦିନ ପାଇଁ। କାଦମ୍ବିନୀ ସ୍ୱାମୀ ଗଲାପରେ ମୁକ ପରି ହୋଇଗଲା। ସମସ୍ତେ କାନ୍ଦି ଗଡୁଥାନ୍ତି। ପିଲାମାନେ ଭଲରେ ଶୁଦ୍ଧିକ୍ରିୟା ସମ୍ପନ୍ନ କଲେ। ଗାଁରେ ମଧ୍ୟ ତାଙ୍କ ଭାଇ ପୁତୁରା ବହୁତ ଲୋକଙ୍କୁ ଖୁଆଇଲେ । କାରଣ ଗାଁ ତାଙ୍କର ଅତି ପ୍ରିୟ। ସମସ୍ତେ ତାଙ୍କୁ ଭାରି ଭଲ ପାଉଥିଲେ।

କିନ୍ତୁ କାଦମ୍ବିନୀ ଆଖିରୁ ଲୁହ ଶୁଖିଲାନି ! ସେ ସ୍ୱାମୀଙ୍କ କଥା ସବୁବେଳେ ମନେ ପକାଇ କାନ୍ଦିଲେ।

ପ୍ରସାଦର ଛାତ୍ରମାନେ ଆସି କାଦମ୍ବିନୀକୁ ବୁଝାଇ କହିଲେ, ମାଉସୀ ସାର୍ ଆପଣଙ୍କୁ ଯେଉଁ ଗୁରୁ ଦାୟିତ୍ୱ ଦେଇ ଯାଇଛନ୍ତି ତାକୁ ବୁଝନ୍ତୁ। ସାର୍ ଆପଣଙ୍କୁ ରଖି ଯାଇଛନ୍ତି "ଓଡ଼ିଶା ସଂସ୍କୃତିକ ପରିଷଦ"ର ନିର୍ଦ୍ଦେଶକ ରୂପେ।

କାଦମ୍ବିନୀ ସବୁକଥା ଶୁଣି ମୁଣ୍ଡରେ ହାତ ଦେଇ କାଠ ପିତୁଳା ପରି ବସି ପଡ଼ିଲା। ମନେ ମନେ ଭାବିଲା ଏ ନିଃସଙ୍ଗ ଜୀବନ ନେଇ କେମିତି ବଞ୍ଚିବି ? ଯଦି ବଞ୍ଚିବି ତାଙ୍କର ଅସ୍ତିତ୍ୱ ନେଇ। ପ୍ରଭୁ ଜଗନ୍ନାଥ ମୋତେ ସାହସ ଦିଅ !

ଶକ୍ତିଦିଅ ପ୍ରଭୁ ମୋତେ ! ମୋ ସ୍ୱାମୀ ମୋତେ ଯେଉଁ ଗୁରୁ ଦାୟିତ୍ୱ ବହନ କରିବାକୁ ଦେଇଛନ୍ତି - ତାଙ୍କ ଆଶୀର୍ବାଦରୁ ଏହି ସଂସ୍ଥାଟି ଚିରଦିନ ବଞ୍ଚି ରହୁ ଏତିକି ଜଗନ୍ନାଥଙ୍କ ଚରଣ ତଳେ ମୋର ପ୍ରାର୍ଥନା !!! କାଦମ୍ବିନୀ ଜଗନ୍ନାଥଙ୍କୁ ହାତ ଟେକି ପ୍ରଣାମ ଜଣାଇଲା !

❖❖❖

Source: Author, Digitized by PPRACHIN, SOA

ଶ୍ରୀମତୀ ପ୍ରିୟମ୍ବଦା ମିଶ୍ର

ମମତାର ଧାରା

ବୋଉ ମୋର ଲେଖିକା କବି – ଗୃହକର୍ମରେ ନିପୁଣା – ସ୍ନେହୀ, ପରୋପକାରୀ ଅସରନ୍ତି ଆଦରର ଭଣ୍ଡାର ! ଆମେ ୭ ଭାଇ ଭଉଣୀ ତାରି ଆଦର୍ଶରେ ହିଁ ଗଢ଼ି ଉଠିଛୁ ! ଘର କଣରେ ବସି ସେ ଏତେ ସୁନ୍ଦର ଲେଖିପାରେ – ସିଲେଇ କରେ ସମସ୍ତେ ଜାଣନ୍ତି – ବିବାହ ବ୍ରତରେ ତାର ଲେଖା କବିତା ସମସ୍ତେ ପଢ଼ନ୍ତି – ଆଜି ଏହି 'ମନ୍ଥନ' ସଙ୍କଳନଟିର ୨ୟ ଭାଗ ପ୍ରକାଶ ପାଇଛି। ନନା ଥିଲେ ବହୁତ ଖୁସି ହୋଇଥାନ୍ତେ – ଆଶା ନିଶ୍ଚିତ ଭାବେ ନନାଙ୍କର ଆଶୀର୍ବାଦ ଧାରା ଝରି ଆସିବ ! ଜଗନ୍ନାଥ ଆଶୀର୍ବାଦ କରନ୍ତୁ ! ବୋଉର ଲେଖନୀ ଋଦ୍ଧିମନ୍ତ ହୋଇ ଉଠୁ।

ଇତି

ବୁଲୁ, ଲଲି ଡଲି, ମୁନା
ବୁଢ଼ା, ବାବୁଲା, କାବୁଲା

Source: Author, Digitized by PPRACHIN, SOA